# ୭ ନଦୀର ବନ୍ୟାଜଳ ଗାଁରେ ପଶିଲା


ଆଇତିପୁରଠାରେ ହୋଇଥିବା ଘାଇ।


ନଇନ୍ଦିପୁର ବିଦୂର ଆଶ୍ରମ ପାଣି ଘେରରେ।

- ଦ୍ୱୀପାଞ୍ଚଳର ୩ ଗାଁ ବିଚ୍ଛିନ୍ନ, ଲୋକଙ୍କ ସ୍ଥାନାନ୍ତର ନାହିଁ
- ଆଶ୍ରୟସ୍ଥଳ ସରଞ୍ଜାମର ବ୍ୟବହାର ଜଣାନାହିଁ
- ନଦୀକୂଳିଆ ପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ

କେନ୍ଦ୍ରାପଡ଼ା, ୪।୮ (ଜଗନ୍ନାଥ ଧଳ): ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀ ସିଷ୍ଟମରେ ଥିବା କେନ୍ଦ୍ରାପଡ଼ା ଜିଲାର ୭ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଲୁଣା, କରାଣ୍ଡିଆର ଦ୍ୱୀପାଞ୍ଚଳରେ ଥିବା ୧୩ ଗ୍ରାମ ପାଣି ଘେରରେ ରହିଛି। ତେବେ ଏହି ଦ୍ୱୀପାଞ୍ଚଳରେ ଥିବା ମାର୍ଶାଘାଇ ବ୍ଲକ ଆଇତିପୁର, ଡିହ ବଳରାମପୁର ଓ ବାଲିସିଂ ଗ୍ରାମକୁ ବନ୍ୟା ଜଳ ମାଡ଼ି ଯାଇଥିବାରୁ ଯୋଗାଯୋଗ ପଥ ବିଚ୍ଛିନ୍ନ ହୋଇଛି। ଅଦ୍ୟାବଧି ଏହି ୩ ଗ୍ରାମର ଅଧିବାସୀଙ୍କୁ ସ୍ଥାନାନ୍ତର କରାଯାଇନାହିଁ। ଅପରପକ୍ଷରେ ଗରଦପୁର, ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଲୁଣା ଓ ଚିତ୍ରୋତ୍ପଳା ନଦୀବନ୍ଧ ଡେଇଁ ଗ୍ରାମାଞ୍ଚଳ ମଧ୍ୟକୁ ପାଣି ପଶିଛି। ସେହିପରି ବ୍ରାହ୍ମଣୀ ଓ ବୈତରଣୀ ବନ୍ୟା ଜଳ ବିଭିନ୍ନ ଗ୍ରାମରେ ପଶି ଯାତାୟାତ ସୁବିଧା ନଷ୍ଟ କରିଛି। ବନ୍ୟା ପାଇଁ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଆଶ୍ରୟସ୍ଥଳଗୁଡ଼ିକ ଖୋଲା ଯାଇଛି। ତେବେ ଏଠାରେ ଥିବା ସରଞ୍ଜାମ ବ୍ୟବହାର ସମ୍ପର୍କରେ କାହାକୁ ଜଣାନାହିଁ। ମହାକାଳପଡ଼ା ବ୍ଲକ ଗଡରୋମିତ ପଞ୍ଚାୟତର ସୁରତ ମାଝି ମାଛଧରା ଡଙ୍ଗା ସହିତ ନିଖୋଜ ହୋଇଥିଲେ। ତେବେ ଓଡ୍ରାଫ ଟିମ ତାଙ୍କୁ ଉଦ୍ଧାର କରିଛି। ନଦୀ କୂଳ ଅଞ୍ଚଳର ପ୍ରାୟ ୧୦ ହଜାର ହେକ୍ଟର ଜମିରେ ଖରିଫ ଚାଷ ସହିତ ପନିପରିବା ନଷ୍ଟ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ସ୍ଥିତିକୁ ନିରୀକ୍ଷଣ କରାଯାଇ ରନ୍ଧା, ଶୁଖିଲା ଖାଦ୍ୟ ଯୋଗାଣ, ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ଓ ଦୁର୍ବଳ ନଦୀବନ୍ଧର ସୁରକ୍ଷା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି।

ଆଇତିପୁରର କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି, କରାଣ୍ଡିଆ ନଦୀରେ ଆଦୌ ଆଡ଼ିବନ୍ଧ ନାହିଁ। ଏହାସହ ଲୁଣା ନଦୀବନ୍ଧ କମ ଉଚ୍ଚତାରେ ଅଛି। ଏଥିପାଇଁ ବନ୍ୟା ଆସିଲେ ପ୍ରତ୍ୟେକ ବର୍ଷ ଦ୍ୱୀପାଞ୍ଚଳର ୧୩ ଗ୍ରାମରେ ପାଣି ପଶୁଛି। ଗୁରୁବାର ରାତିରୁ ଏହି ୨ ନଦୀରୁ ଗ୍ରାମ ମଧ୍ୟକୁ ପାଣି ଆସିଛି। ଅପରାହ୍ନ ୨ଟା ସୁଦ୍ଧା ଡିହବଳରାମପୁର, ବାଲିସିଂ ଓ ଆଇତିପୁରକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଏବେ ଏହି ୩ ଗ୍ରାମର ପ୍ରାୟ ୬ ହଜାର ଲୋକ ଜଳବନ୍ଦୀରେ ଅଛନ୍ତି। ମାର୍ଶାଘାଇ ବ୍ଲକର ହେମନ୍ତ ସ୍ୱାଇଁ କହିଛନ୍ତି, ସରକାରୀ ଆବାସ ଯୋଜନାରେ ଘର ଆରମ୍ଭ କରିଥିଲେ। ଏବେ ପାଣି ପଶି ଯିବାରୁ ଘର କାମ ପାଇଁ ଥିବା ବାଲି, କଂକ୍ରିଟ ନଷ୍ଟ ହୋଇଛି। ଲୁହା ରଡ ବନ୍ୟା ଜଳରେ ବୁଡ଼ି ରହିଛି। ଏପରିସ୍ଥଳେ ଘର କେମିତି ସମ୍ଭବ ହେବ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି। ଆଇତିପୁର ଗ୍ରାମର ପିନାକୀ ସାମନ୍ତରାୟ କହିଛନ୍ତ, ଆଇତିପୁର ଓ ଡିହବଳରାମପୁରରେ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳ ନିର୍ମିତ ହୋଇଛି। ବନ୍ୟା ଓ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହାର ଆବଶ୍ୟକତା ଅଧିକ। ତେବେ ଗୃହର ଆକାର ପ୍ରଭାବିତଙ୍କୁ ଆଶ୍ରୟ ଦେବାରେ ବିଫଳ ହୋଇଛି। ଏହି ଦୁଇ ଆଶ୍ରୟସ୍ଥଳରେ ଅତିବେଶିରେ ୧୫୦ ଜଣଙ୍କ ପାଇଁ ସ୍ଥାନ ଥିବା ବେଳେ ପ୍ରାୟ ୨ ହଜାର ଲୋକ ଘର ଛାଡ଼ି ଅନ୍ୟ ସ୍ଥାନରେ ଗୃହପାଳିତ ପଶୁପକ୍ଷୀଙ୍କ ସହିତ ରହୁଛନ୍ତି। ସେହିପରି ଏଠାରେ ରହିଥିବା ଆବଶ୍ୟକ ସାମଗ୍ରୀ ଆସ୍କା ଲାଇଟ, ଜେନେରେଟରଠାରୁ କଟର ମେଶିନର ବ୍ୟବହାର କାହାକୁ ଜଣାନାହିଁ। ଫଳରେ ରାତିରେ ଆବଶ୍ୟକ ମୁତାବକ ସାମଗ୍ରୀର ବ୍ୟବହାର ହେଉନାହିଁ। ସେହିପରି ପାଇଖାନା ଯଥେଷ୍ଟ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ପତିତପାବନ ରାଉତ କହିଛନ୍ତି, ବନ୍ୟା ଏବେ ରଣ ଶୁଝିବା ଚିନ୍ତି ବଢ଼ାଇଛି। ଫଳନ୍ତି ପନିପରିବା ନଷ୍ଟ ହୋଇଛି। ଏଥିସହ ସ୍ଥାନୀୟ ଅଞ୍ଚଳର ଖରିଫ ଚାଷ ନଷ୍ଟ ହୋଇଛି। ବିଦ୍ୟୁତ୍ କାଟରୁ ରକ୍ଷା ପାଇଁ କିରୋସିନ ଦର ଲିଟର ପ୍ରତି ୧୨୦ ଟଙ୍କା ରହିଛି। ନଳକୂପ, ପୋଖରୀ ଆଦି ପାଣିରେ ବୁଡ଼ି ଥିବାରୁ ଜଳବାହିତ ରୋଗ ହେବା ସମ୍ଭାବନା ବଢ଼ିଛି। ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ କହିଛନ୍ତି, ମହାନଦୀରେ ବନ୍ୟା ପାଇଁ ଜିଲାର ଲୁଣା, କରାଣ୍ଡିଆ, ପାଇକା, ମହାନନ୍ଦୀ ଓ ବିରୂପା ନଦୀରେ ପାଣି ଆସିଛି। ଏବେ ଏହାର ପ୍ରକୋପ କମିଯାଇଛି। ଏଥିପାଇଁ ବିଭାଗୀୟ ଅଧିକାରୀ ସଜାଗ ଅଛନ୍ତି। ଜିଲାପାଳ ଅମୃତ ଋତୁରାଜ କହିଛନ୍ତି ଯେ, ବନ୍ୟା ସ୍ଥିତିକୁ ନଜର ରଖାଯାଇଛି। ଆବଶ୍ୟକ ସ୍ଥାନରେ ସ୍ଥାନାନ୍ତର ଓ ରିଲିଫ ସାମଗ୍ରୀ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। ନ୍ୟା ପାଇଁ ସ୍ଥାନୀୟ ଅଧିବାସୀ ଅତ୍ୟଧିକ ଭୟ ନ କରିବାକୁ ପରାମର୍ଶ ଦେଇଛନ୍ତି।


ପାଣି ଘେରରେ କଳାବୁଦା ଶନିମନ୍ଦିର।



## ପେଟପଡ଼ାରେ କୁମ୍ଭୀର ଆତଙ୍କ

ଆଳି, ୪।୮ (ବନମାଳୀ ସେନାପତି)

କାଣୀ ନଦୀରେ ବନ୍ୟା ଆସି ଆଳି ଧୋୟାଞ୍ଚଳକୁ ଜଳମଗ୍ନ କରି ଦେଇଥିବା ବେଳେ ପେଟପଡା ଗ୍ରାମକୁ ସମ୍ପୂର୍ଣ୍ଣ ଜଳମଗ୍ନ କରିଦେଇଛି। ଶୁକ୍ରବାର ଗ୍ରାମରେ ପ୍ରବାହିତ ହେଉଥିବା ବନ୍ୟାଜଳରେ ଏକ କୁମ୍ଭୀର ଦେଖାଦେଇଛି। ଯାହାକୁ ନେଇ ପେଟପଡାରେ ଆତଙ୍କ ଖେଳିଯାଇଛି। ଗୋଟେପଟେ ବନ୍ୟା ଜଳକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିବା ବେଳେ ବନ୍ୟା ଜଳରେ କୁମ୍ଭୀର ଦେଖିବା ପରେ ସେମାନଙ୍କ ଭୟ ଦ୍ୱିଗୁଣିତ ହୋଇଯାଇଛି।

## ଘେରିବନ୍ଧ ଭାଙ୍ଗି ପଶିଲା ବନ୍ୟାଜଳ:ଶତାଧିକ ଏକର ଜମି ଜଳମଗ୍ନ

ମାର୍ଶାଘାଇ, ୪।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଲୁଣା-କରାଣ୍ଡିଆ ଦ୍ୱିପାଞ୍ଚଳରେ ଥିବା ଆୟତପୁର ଗ୍ରାମର ବିଶ୍ୱାଳୀଠାରେ ଲୁଣା ନଦୀ ଘେରି ବନ୍ଧ ଭାଙ୍ଗିଯିବା ଫଳରେ ଆୟତପୁର, ବାଲିସିଂ, ଢ଼ିଅ ବଳରାମପୁର ଗ୍ରାମଗୁଡିକର ଖାଲୁଆ ଅଞ୍ଚଳରେ ରହୁଥିବା ଲୋକମାନେ ଜଳବନ୍ଦୀ ହୋଇଛନ୍ତି। ଶତାଧିକ ଏକର ଚାଷ ଜମି ବନ୍ୟା ପ୍ଲାବିତ ହୋଇଛି। ଦୀର୍ଘଦିନ ଧରି ଘେରିବନ୍ଧ ମରାମତି ହୋଇ ନ ଥିବାରୁ ଏହା ଭାଙ୍ଗିଗଲା ବୋଲି ଅଭିଯୋଗ ହେଉଛି। ସେହିପରି ମଙ୍ଗରାଜପୁର ପଞ୍ଚାୟତର ରତନପୁର, ଦଶମାଣକୂଳ ଓ ବଟିରା ପଞ୍ଚାୟତର ଉପର ବଟିରାରେ ପାଇକା ନଦୀର ବନ୍ୟାଜଳ ପଶିବା ଯୋଗୁ ସେମାନେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। ଶୁକ୍ରବାର ମାର୍ଶାଘାଇ ବିଡିଓ ଉମାଶଙ୍କର ବେହେରା, ତହସିଲଦାର ଶ୍ରୀକାନ୍ତ ପରିଜା, ଅତିରିକ୍ତ ତହସିଲଦାର ଅଶୋକ ବେହେରା, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ସାମାଜିକ କର୍ମୀ ସୌମ୍ୟ ରଞ୍ଜନ ମଳିକ, ସର୍ବେଶ୍ୱର ଦାସ ଓ ସୂର୍ଯ୍ୟକାନ୍ତ ନାଥ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖି ଥିଲେ।

## ସାପ କାମୁଡ଼ାରେ କୃଷକ ମୃତ

ପାଟକୁରା, ୪।୮ (ରବୀନ୍ଦ୍ରନାଥ ବାରିକ)

ପାଟକୁରା ଥାନା ଅଧୀନ ପଦ୍ମପୁର ପଞ୍ଚାୟତର କିଶିଲୋ ଗ୍ରାମର ରମେଶ ସ୍ୱାଇଁ (୬୫)ଙ୍କର ସାପ କାମୁଡ଼ଶରେ ମୃତ୍ୟୁ ଘଟିଛି। ରମେଶ ଚାଷ ଜମିକୁ ଶୁକ୍ରବାର ସକାଳେ ଧାନ ବାଛିବାକୁ ଯାଇଥିଲେ। ଧାନ ବାଛୁଥିବା ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ସେ ଗ୍ରାମ ମଧ୍ୟକୁ ଦୌଡ଼ି ଆସି ସାପ କାମୁଡି ଥିବା କହିବା ପରେ ତାଙ୍କୁ ତୁରନ୍ତ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସଚେତନତା ଅଭାବରୁ ବ୍ୟାପକ ଫସଲହାନି

**କେନ୍ଦ୍ରାପଡ଼ା, ୪।୮ (ଜଗନ୍ନାଥ ଧଳ):** କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଧୋୟା ଅଞ୍ଚଳ ଦେଇ ପ୍ରବାହିତ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରହ୍ମଣୀରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ଗୁରୁବାର ରାତିରେ ବିପଦ ସଙ୍କେତ ଉପରେ ଜଳ ପ୍ରବାହିତ ହେଉଥିବାବେଳେ ସକାଳ ୧୦ଟା ସୁଦ୍ଧା ସ୍ଥିର ରହିଛି। ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଡରା, ଅମୃତମଣୋହୀ, ବଲୁରିଆ, ପେଣ୍ଡପାଳ, ତରଡ଼ିପାଳ, ଅଳପୁଆ, ସିଂହଗାଁ, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ଶ୍ରୀରାମପୁର, ଡାମରପୁର ଆଦି ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବହୁ ଚାଷ ଜମି ଜଳମଗ୍ନ ହୋଇଛି। ଫଳରେ ବ୍ୟାପକ ଫସଲହାନି ଘଟିଛି। ବନ୍ୟାଜଳ କମିବା ସମ୍ଭାବନା ଥିବା ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି। ଆଳିବନ୍ଧବାଡ଼ ବିଭାଗ ସହକାରୀ ଯନ୍ତ୍ରୀ ଦାମୋଦର ମଲ୍ଲିକଙ୍କୁ ପଚାରିବାରେ ବ୍ରାହ୍ମଣୀ ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଫଳରେ ଏହି ବନ୍ୟା ସୃଷ୍ଟି ହୋଇଛି। ବ୍ରାହ୍ମଣୀର ଉପନଦୀ ସମଲ ବ୍ୟାରେଜର ୭ଟି ଗେଟ ବୁଧବାର ଖୋଲିବା ଫଳରେ ଶୁକ୍ରବାର ବ୍ରାହ୍ମଣୀର ବନ୍ୟାଜଳ ବୃଦ୍ଧି ପାଇ ପତ୍ରପୁରଠାରେ ଥିବା ବିପଦସଙ୍କେତ ୧୬.୫ ଫୁଟରୁ ୧୭ ଫୁଟରେ ପ୍ରବାହିତ ହେଉଛି। ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ବ୍ରାହ୍ମଣୀ ନଦୀ ଅଞ୍ଚଳ ଗ୍ରାମଗୁଡ଼ିକରେ ବନ୍ୟାଜଳ ପ୍ରବେଶ କରିଛି ବୋଲି ସେ କହିଛନ୍ତି।

କୃଷକ ନେତା ହିମାଂଶୁ ଶେଖର ବିଶ୍ୱାଳ କହିଛନ୍ତି, ଗୁରୁବାର ବିଳମ୍ବିତ ରାତିରେ ହଠାତ ବନ୍ୟା ଆସି ଧୋୟା ଅଞ୍ଚଳର ଅଳପୁଆ ପଞ୍ଚାୟତର ଦାମୋଦରପାଟଣା, ତଳାପଡିଆ, ଜେନାସାହି, ଅଣ୍ଡରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ପେଣ୍ଡପାଳ ପଞ୍ଚାୟତର ପେଣ୍ଡପାଳ, ଦାଣ୍ଡିସାହି, କୁଳସାହି, ବାଲିକିରା ଅମୃତମଣୋହି ପଞ୍ଚାୟତର ସିଦ୍ଧବାଲି, ଜଗନ୍ନାଥପୁର, ଶାନ୍ତିପଡ଼ା ଆଦି ସ୍ଥାନରେ ବନ୍ୟାଜଳ ପ୍ରବେଶ କରିବା ସହ ଚାଷ ଜମି ଜଳାର୍ଣ୍ଣବ ହୋଇପଡ଼ିଛି। ଚାଷୀମାନେ ଧାର କରଜ କରି ଚାଷ କରିଥିଲେ ମଧ୍ୟ ବନ୍ୟା ଯୋଗୁ ଫସଲ ନଷ୍ଟ ଆଶଙ୍କାରେ ଚିନ୍ତାରେ ପଡ଼ିଛନ୍ତି। ଗୃହପାଳିତ ପ୍ରାଣୀମାନେ ଖାଦ୍ୟ ନ ପାଇ ହଇରାଣ ହେଉଛନ୍ତି। ବନ୍ୟା ପରିସ୍ଥିତି ସ୍ଥିର ଅଛି। ବନ୍ୟା ଆସିବା ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ବ୍ୟାପକ ଫସଲ ହାନି ଘଟିଛି। ଚାଷୀ ନରେନ୍ଦ୍ର ଧଳ କୁହନ୍ତି, ବନ୍ୟା ଯୋଗୁ ନଦୀକୂଳିଆ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ରାସ୍ତାଘାଟ ଓ ଗାଁ ଦାଣ୍ଡରେ ବନ୍ୟାଜଳ ଲହଡ଼ି ମାରୁଛି। ଅଧିକାଂଶ ଘରେ ଜଳ ପ୍ରବେଶ କରିଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ସିଂହଗାଁ ବନ୍ୟାଜଳ ଘେରରେ ରହିଥିବାବେଳେ ସେଠାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବନ୍ୟାଜଳରେ ବିଭିନ୍ନ ପ୍ରକାର ସରୀସୃପ ଭାସି ଲୋକଙ୍କ ଘରେ ପଶୁଥିବା ଜଣାପଡ଼ିଛି। ଚାଷ ଜମିରେ ଜଳ ମାଡ଼ି ବ୍ୟାପକ ଫସଲ ନଷ୍ଟ ହୋଇଛି। ଚାଷୀ ଅକ୍ଲାନ୍ତ ପରିଶ୍ରମ କରି ଫସଲ କରିଥିଲେ। ସ୍ଥାନୀୟ ପ୍ରଶାସନ ଆଗତ ସୂଚନା ନ ଦେବାରୁ ଚାଷୀ ସଚେତନ ହୋଇପାରିଲେ ନାହିଁ। ଫଳରେ କ୍ଷେତରେ ଫଳିଥିବା ପନିପରିବା ବ୍ୟାପକ ନଷ୍ଟ ହୋଇଛି। ଯଦି ପ୍ରଶାସନ ପକ୍ଷରୁ ଆଗତ ସୂଚନା ଦିଆଯାଇଥାନ୍ତା ତାହା ହେଲେ ଚାଷୀ ପନିପରିବା ଘରକୁ ଆଣି ପାରିଥାନ୍ତେ। ସାମାଜିକ କର୍ମୀ କୈଳାସ ସେଠୀ କହିଛନ୍ତି, ଚଳିତ ବନ୍ୟା ଯୋଗୁ ଫସଲ କ୍ଷତିଗ୍ରସ୍ତ ହେବା ଫଳରେ ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଧୋୟାଞ୍ଚଳର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ ୱାର୍ଡରେ ୪୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରାୟ ୨ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ପରିବା ଓ ଧାନ କ୍ଷେତରେ ପାଣି ମାଡ଼ି ଯାଇଛି। ନଦୀକୂଳିଆବାସୀଙ୍କ ମନରେ ଛନକା ପଶିଛି। ସାଧାରଣତଃ ଖରିଫ ଋତୁରେ ନଦୀପଠାରେ ଅଧିକ ପନିପରିବା ଚାଷ ହୋଇଥାଏ। ବନ୍ୟାଜଳ ମାଡ଼ିଯିବା ଯୋଗୁ ପନିପରିବା ଫସଲ ପ୍ରଭାବିତ ହୋଇଛି। ବନ୍ୟା ପରବର୍ତ୍ତୀ ଅବସ୍ଥାରେ ପରିବା ଦର ଆହୁରି ବଢ଼ିବ ବୋଲି କୁହାଯାଉଛି। ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ପଚାରିବାରେ ବ୍ରାହ୍ମଣୀ ନଦୀର ବନ୍ୟାଜଳ ପୂର୍ବାହ୍ନ ୧୦ଟାରୁ ସ୍ଥିର ରହିଛି। ଅଉ ବଢ଼ିବା ସମ୍ଭାବନା ନାହିଁ। ଅଳଭାରେ ବିପଦ ସଙ୍କେତ ୧୬ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିଲେ ମଧ୍ୟ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରତି କୌଣସି ବିପଦ ନାହିଁ। ବନ୍ୟା ନିୟନ୍ତ୍ରଣ ପାଇଁ ବିଭାଗ ପକ୍ଷରୁ ବାଲି ବସ୍ତା ଗଚ୍ଛିତ ରଖାଯାଇଛି। ଯେଉଁ ନଦୀବନ୍ଧଗୁଡ଼ିକରେ ବର୍ଷା ପାଣି ଦ୍ୱାରା ଖାଲ ସୃଷ୍ଟି ହୋଇଛି ସେଗୁଡ଼ିକ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବ୍ରହ୍ମଣୀ ନଦୀର ଉପରମୁଣ୍ଡ ରେଙ୍ଗାଲି ଡ୍ୟାମ ଗେଟ ଖୋଲିବା ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।


ପଟ୍ଟାମୁଣ୍ଡାଇ ଅଞ୍ଚଳରେ ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହେଉଛି।


ଚାଷ ଜମିରେ ଥିବା ମିନାବଜାରରେ ବନ୍ୟା ପାଣିପଶି ଯାଇଛି।






# ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ: ୫ ଦିନ ଜଳଯୋଗାଣ ବନ୍ଦ


ବିଦ୍ୟୁତ୍ ସଂଯୋଗ ପାଇଁ ଧାରଣା ଦେଇଥିବା ସରପଞ୍ଚ ଓ ଅନ୍ୟମାନେ।

## କଣ୍ଟିଲୋ ପଞ୍ଚାୟତ

- ବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ
- ସମସ୍ୟାର ସମାଧାନ ହେଲାନି

ଖଣ୍ଡପଡ଼ା,୪।୮(ଅଜୟ କୁମାର ମହାରଣା)

କଣ୍ଟିଲୋ ପଞ୍ଚାୟତ ଉପରେ ବିଦ୍ୟୁତ୍ ଦେୟ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଥିବାରୁ ଜୁଲାଇ ୩୧ରେ ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ସଂଯୋଗକୁ କାଟି ଦିଆଯାଇଥିଲା। ଏହାର ପ୍ରତିବାଦରେ କଣ୍ଟିଲୋ ପଞ୍ଚାୟତର ସରପଞ୍ଚଙ୍କ ସମେତ ସମସ୍ତ ଜନପ୍ରତିନିଧି, ପାଣି ପଞ୍ଚାୟତର ସମସ୍ତ ସଦସ୍ୟ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ଝୁଲାଇ ଗୁରୁବାର ଧାରଣାରେ ବସିଥିଲେ। ରାତି ପ୍ରାୟ ୯ଟାରେ ଖଣ୍ଡପଡ଼ା ବିଡିଓ ଅରୁଣୀମା ସାହୁ ବିଦ୍ୟୁତ୍ ବକେୟା ପ୍ରାପ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ଦେବା ସହ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ପରାମର୍ଶ ଦେଇଥିବା ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କଠାରୁ ପ୍ରକାଶ। ଫଳରେ ବିଡିଓଙ୍କ ପରାମର୍ଶକୁ ବିଶ୍ୱାସ କରି ଆନ୍ଦୋଳନକାରୀମାନେ ଧାରଣା ପ୍ରତ୍ୟାହୃତ କରିଥିଲେ। ତେବେ ଦୀର୍ଘ ୨୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବାରୁ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆଜକୁ ୫ ଦିନ ହେଲା ସମ୍ପ୍ରତି ବର୍ଷା ସହ ମହାନଦୀର ବନ୍ୟା ସମୟରେ ଗ୍ରାମବାସୀ ପାଣି ବିନା ନାନା ସମସ୍ୟା ମଧ୍ୟରେ ଗତି କରୁଛନ୍ତି।

ଗୁରୁବାର ରାତିରେ ସରପଞ୍ଚ ବେହେରାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ପାଣି ପଞ୍ଚାୟତର ସଭାପତି ମାଧବ ଚନ୍ଦ୍ର ସାହୁ, ସମ୍ପାଦକ ଦେବରାଜ ସେଠୀ, ପୂର୍ବତନ ସରପଞ୍ଚ ପ୍ରତାପ କୁମାର ସାହୁ ପ୍ରମୁଖ ଧାରଣାରେ ବସିଥିଲେ। ବିଦ୍ୟୁତ୍ ପ୍ରାପ୍ୟ ପ୍ରଦାନର ବ୍ୟବସ୍ଥା କରାଯାଇଛି, ଧାରଣା ପ୍ରତ୍ୟାହୃତ କରିବାକୁ ବିଡିଓ ପରାମର୍ଶ ଦେଇଥିଲେ। ପ୍ରତିଶ୍ରୁତିକୁ ବିଶ୍ୱାସ କରି ଧାରଣା ପ୍ରତ୍ୟାହୃତ ହୋଇଥିଲା। ହେଲେ ୨୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ସାଧାରଣରେ ପ୍ରତିକ୍ରୀୟା ପ୍ରକାଶ ପାଇଛି। ଏ ନେଇ ନୟାଗଡ଼ ବିଦ୍ୟୁତ ଡ଼ିଭିଜନର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ରଙ୍କୁ ପଚାରିବାରେ ନୟାଗଡ଼ ଜିଲାପାଳ କଣ୍ଟିଲୋ ପଞ୍ଚାୟତ ଉପରେ ରହିଥିବା ବିଦ୍ୟୁତ୍ ବକେୟା ବାବଦରେ ୨ ଲକ୍ଷ ଟଙ୍କା ପ୍ରଥମେ ପ୍ରଦାନ କରାଯିବାକୁ କହିଥିବା ବେଳେ ଏ ପର୍ଯ୍ୟନ୍ତ କିଛି ଅର୍ଥ ପୈଠ କରାଯାଇନାହିଁ। ଉକ୍ତ ଟଙ୍କା ପାଇବା ପରେ ବିଦ୍ୟୁତ୍ ଲାଇନ ସଂଯୋଗ କରାଯିବ ବୋଲି ସେ କହିଛନ୍ତି। ତେବେ ଏପରି ଅବସ୍ଥା ଯଦି ଆଗକୁ ଜାରି ରୁହେ ତେବେ ଆଗକୁ ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ମାଳବନ୍ଧ ଉପରେ ଝୁଲି ରହିଛି ବିପଦସଙ୍କୁଳ ଡାଳ

ଖଣ୍ଡପଡ଼ା,୪।୮
(ଅଜୟ କୁମାର ମହାରଣା)



ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ସର୍ବଜନ ବିଦିତ। ଶ୍ରୀଜୀଉଙ୍କ ଦର୍ଶନ ସହ ବିଭିନ୍ନ କାର୍ଯ୍ୟରେ ଏଠାକୁ ପ୍ରତ୍ୟେହ ରାଜ୍ୟ ତଥା ବାହାରୁ ଶତାଧିକ ପର୍ଯ୍ୟଟକ ବିଭିନ୍ନ ଯାନବାହନରେ ଆସିଥାନ୍ତି। ଏହାଛଡା ଏଠାରେ ବଜାର ନିକଟ ମହାନଦୀର ଦକ୍ଷିଣପାର୍ଶ୍ୱ କଣ୍ଟିଲୋ ବଜାରଠାରୁ ବାଣପୁର ମାଳବନ୍ଧ ଦେଇ ପ୍ରତ୍ୟେହ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କଲେଜକୁ ଯାତାୟାତ କରିଥାନ୍ତି। ଉକ୍ତ ମାଳବନ୍ଧ ଉପରେ ଏକ ବିଶାଳ ବୃକ୍ଷର ଡ଼ାଳ ଡାଙ୍କି ରହିଥିବାରୁ ଯାନବାହାନ ଚଳାଚଳରେ ବିପଦର ଆଶଙ୍କା ରହିଛି। ମାଳବନ୍ଧ ଉପରି ଭାଗ ରାତ୍ର ସମୟରେ ଅନ୍ଧାର ରହୁଥିବାରୁ ଯାନବାହନ ତଥା ବାଇକ୍‌ରେ ଯାତ୍ରା କରୁଥିବା ବ୍ୟକ୍ତି ଦୁର୍ଘଟଣାର ଶୀକାର ହୋଇଥିବା ଅଭିଯୋଗ ହେଉଛି। ତେବେ ଏ ସମ୍ପର୍କରେ କଣ୍ଟିଲୋ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରାଙ୍କୁ ପଚାରିବାରେ ଉକ୍ତ ଡାଳଟି ଚଳାଚଳରେ ସେପରି ସମସ୍ୟା ସୃଷ୍ଟି କରୁନାହିଁ ଆଗାମୀଦିନରେ ମାଳବନ୍ଧ ସମ୍ପ୍ରସାରଣ କରିବାର ବ୍ୟବସ୍ଥା ରହିଛି। ସେତେବେଳେ ଏହି ଡାଳଟିକୁ କଟାଯିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ନୟାଗଡ଼ରେ ସାମ୍ବାଦିକତା ଦିବସ



ସାମ୍ବାଦିକତା ଦିବସରେ ଉପସ୍ଥିତ ଅତିଥିମାନେ।

ନୟାଗଡ଼,୪।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାରେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ନେଇ ଶୁକ୍ରବାର ରୋଟାରୀ କ୍ଲବ ପରିସରରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳନ ହୋଇଯାଇଛି। କ୍ଲବ ସଭାପତି ଅବଦୁଲ ଆରିଫ ଖାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ସଭାପତି ଆରିଫ ସ୍ୱାଗତ ଭାଷଣ ଦେଇଥିବାବେଳେ କ୍ଲବ ସମ୍ପାଦକ ଶ୍ରୀଧର ସାହୁ ଓଡ଼ିଆ ସାମ୍ବାଦିକତା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରକାରଙ୍କ ସାମ୍ବାଦିକ ବୀମା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିବାବେଳେ ସାମ୍ବାଦିକମାନଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରିବାକୁ ପୌର ଅଧକ୍ଷା ଦାବି କରିଥିଲେ। ଅପରପକ୍ଷେ ଜିଲା ପ୍ରତିନିଧିମାନେ ନିଜର ବୃତ୍ତିଗତ ସାମ୍ବାଦିକତାର ଅନୁଭବକୁ ଆଲୋକପାତ କରିଥିଲେ। ରୋଟାରୀ କ୍ଲବ ପକ୍ଷରୁ ଉପସ୍ଥିତ ଗଣମାଧ୍ୟମର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ମଞ୍ଚାସୀନ ଅତିଥିମାନଙ୍କୁ ମିମେଣ୍ଟୋ ପ୍ରଦାନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମକୁ ରୋଟାରୀ କ୍ଲବ ନୟାଗଡ଼ର ସଦସ୍ୟମାନେ ପରିଚାଳନା କରିଥିଲେ। ପରିଶେଷରେ ରୋଟାରିଆନ ମିହିର ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର କଲେ ଫାର୍ମାସିଷ୍ଟ

ନୟାଗଡ଼, ୪।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ୱାର୍ଡରେ ଶୁକ୍ରବାର ଜଣେ ଫାର୍ମାସିଷ୍ଟ ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ ଦାମୋଦର ସାହୁଙ୍କୁ ଦୁର୍ବ୍ୟବହାର କରିଛନ୍ତି। ବରିଷ୍ଠ ନାଗରିକ ଜଣେ ରୋଗୀ ଦେଖାଇବା ପାଇଁ ସର୍ଜରୀ ୱାର୍ଡକୁ ଯାଇଥିଲେ। ଏଠାରେ ନିୟୋଜିତ ଜଣେ ଫାର୍ମାସିଷ୍ଟ ଜାଣି କରି ଗୋଡ଼ ବଜାଇ ଗଣ୍ଡଗୋଳ କରିଥିବା ଦେଖିବାକୁ ମିଳିଥିଲା। ଏପରି ରାଗୁଛ କାହିଁକି ପଚାରିବା ପରେ ବରିଷ୍ଠ ନାଗରିକଙ୍କୁ ଫାର୍ମାସିଷ୍ଟ ବ୍ୟବହାର ଖରାପ ଦେଖାଇଥିଲେ। ସେ ସିଡିଏମ୍‌ଓଙ୍କୁ ଡରନ୍ତି ନାହିଁ। ତାଙ୍କର କେହି କିଛି କରିପାରିବେ ନାହିଁ କହିଛନ୍ତି। ବୁଝିବାରେ ଜଣାପଡ଼ିଛି ସେ ଫାର୍ମାସିଷ୍ଟ ତାଲିମ ନେବାକୁ ଆସିଛନ୍ତି।

# ୧୨ ବାଇକ୍ ଜବତ, ୧୨ ଚାଳକଙ୍କ ନାଁରେ ମାମଲା

## ମଦ୍ୟପ ଚାଳକ ଧରପଗଡ଼

ନୟାଗଡ଼, ୪।୮(ଲୋକନାଥ ମିଶ୍ର)

ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବିଭିନ୍ନ ଥାନା ପକ୍ଷରୁ ସ୍ପେଶାଲ ଡ୍ରାଇଭ କରାଯାଇ ମଦ୍ୟପାନ କରି ବାଇକ୍ ଚାଳନା କରୁଥିବା ଚାଳକମାନଙ୍କୁ ଚିହ୍ନଟ କରି ସେମାନଙ୍କ ନାଁରେ ମାମଲା ରୁଜୁ କରାଯାଉଛି। ଏପରିକି ସେମାନଙ୍କ ବାଇକ୍ ଜବତ କରାଯାଉଛି। ନୟାଗଡ଼ ଟାଉନ ଥାନା ପକ୍ଷରୁ ଗୁରୁବାର ଓ ଶୁକ୍ରବାର ୬ଟି, ଇଟାମାଟି ପୋଲିସ ପକ୍ଷରୁ ୪ଟି, ନୟାଗଡ଼ ସଦର ଥାନା ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଛି। ଏଥିସହ ୧୨ ଟି ବାଇକ୍ ଜବତ କରାଯାଇଛି। ୧୨ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

# ବିଶ୍ୱବିଦ୍ୟାଳୟ ସ୍ତରୀୟ ଜାତୀୟ ସେବା ପୁରସ୍କାର ପାଇଲେ ସୁଧାଂଶୁ

ନୟାଗଡ, ୪।୮(ଲୋକନାଥ ମିଶ୍ର)

ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଛାତ୍ର ସୁଧାଂଶୁ ସାହୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବିଶ୍ୱବିଦ୍ୟାଳୟ ସ୍ତରୀୟ ଜାତୀୟ ସେବା ପୁରସ୍କାର ପାଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଭାଇସ ଚାନସେଲର ସବିତା ଆଚାର୍ଯ୍ୟ ଏହି ପୁରସ୍କାର ଶୁକ୍ରବାର ପ୍ରଦାନ କରିଛନ୍ତି। ସୁଧାଂଶୁଙ୍କ ଘର ନୟାଗଡ଼ ଜିଲାର ଗୋଡିପଡ଼ା ଗାଁରେ। ସୁଧାଂଶୁ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବାବେଳ ଏନ୍‌ଏସ୍‌ଏସ୍ ସହ ଜଡ଼ିତ ରହି ଉନ୍ନୟନ କାମରେ ସାମିଲ ଥିଲେ।

# ଅଧ୍ୟାପକଙ୍କ ଟ୍ୟୁଶନ ଉପରେ ଲାଗିଲା ଲଗାମ

## ଆଇନ ଥିଲେ ବି କାର୍ଯ୍ୟକାରୀ ହେଉ ନ ଥିଲା

ନୟାଗଡ, ୪।୮(ଲୋକନାଥ ମିଶ୍ର)

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର କେତେଜଣ ଅଧ୍ୟାପକ ନୟାଗଡ଼ ଓ ନୟାଗଡ଼ ବାହାରେ ବେସରକାରୀ ଟିଉସନ, ପଇସା ନେଇ ଟିଉସନ କରିବା, ଘରେ ଟ୍ୟୁଶନ କରିବା, ଆବାସିକ କଲେଜରେ ପଢ଼ାଇବା, ଭଡ଼ା ଘରେ ପାଠ ପଢ଼ାଇବା ପରି ଅଭିଯୋଗ ଉଠିଛି। ତେବେ ଅଧ୍ୟପକମାନେ ଟ୍ୟୁଶନ କରିପାରିବେ ନାହିଁ। ଯେଉଁ ଅଧ୍ୟପକମାନେ ଟିଉସନ ପରି ବେଆଇନ କାର୍ଯ୍ୟରେ ଲିପ୍ତ ରହିବେ ନଜରକୁ ଆସିଲେ ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଚିଠି ନଂ. ୧୫୬୮/୪।୮।୨୩ ରେ ଅଧକ୍ଷ ନୋଟିସ୍ କରିଛନ୍ତି।

# ବର୍ଷା ଭାଙ୍ଗିଲା ଘର, ମିଳୁନି ସହାୟତା

- ଆବାସ ଯୋଜନାରେ ଘର ମିଳିବା ସ୍ୱପ୍ନ
- ସ୍ତ୍ରୀଙ୍କ ପରେ ସ୍ୱାମୀ କଲେ ତହସିଲଦାରଙ୍କୁ ଗୁହାରୀ

ନୟାଗଡ଼, ୪।୮(ଲୋକନାଥ ମିଶ୍ର)


ବର୍ଷାରେ ଭାଙ୍ଗି ଯାଇଥିବା ମଞ୍ଜୁ ଡାକୁଆଙ୍କ ଝାଟିମାଟି ଘର।

ବର୍ଷା ଭାଙ୍ଗି ଦେଲା ଘର। ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ। ଏଣୁ ଭଙ୍ଗା ଘରେ ପୁଣି ଜୀବନ ବିତୁଛି। ଘର ଭଙ୍ଗା ସହାୟତା ପାଇଁ ଶରଣକୁଳ ଭଞ୍ଜସାହିର ସ୍ତ୍ରୀ ମଞ୍ଜୁ ଡାକୁଆଙ୍କ ଅଭିଯୋଗ ପରେ ସ୍ୱାମୀ ବାବୁଲା ଓଡ଼ଗାଁ ତହସିଲଦାର ଓ ଶରଣକୁଳ ତହସିଲଦାରଙ୍କୁ ଫେରାଦ୍ ହୋଇଛନ୍ତି। ସେମାନଙ୍କ କ୍ଷୋଭ ଗରିବ ହୋଇଥିଲେ ହେଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ମିଳିଲା ନାହିଁ। ଘର ଭାଙ୍ଗିଲା ପରେ ବି ଘର ଭଙ୍ଗା ସହାୟତା ମିଳୁନାହିଁ।

ଶରଣକୁଳ ଭଞ୍ଜସାହିର ବାବୁଲା ଜଣେ ଗରିବ ଲୋକ। ଯାହା ରୋଜଗାର କରନ୍ତି ଝିଅପୁଅ, ମା’, ସ୍ତ୍ରୀଙ୍କୁ ନେଇ ଚଳିବା କାଠିକର ପାଠ। ଏଭଳିସ୍ଥଳେ ମା’ ପାରାଲିସିସ୍ ରୋଗୀ। ସ୍ତ୍ରୀ କାନକୁ ଶୁଭେ ନାହିଁ। ରୋଗରେ ପଇସା ଅଧିକ ଖର୍ଚ୍ଚ ହୁଏ। ତେଣୁ ଚାଳକୁ ଛପର କରିବାକୁ ପାଖରେ ପଇସା ନାହିଁ। ଝାଟିମାଟିର ଘର କରି ଏହି ପରିବାର ଦୁଃଖେ କଷ୍ଟେ ଚଳୁଥିଲେ। ଜୁଲାଇ ୧୬ରେ ବର୍ଷା ପବନ ଯୋଗୁ ଚାଳ ଛପରେ ଉପରେ ଗଛ ପଡି ଯାଇଥିଲା। ଏଣୁ ଚାଳ ଘର ତଳକୁ ଦବି ପାଣି ଗଳୁଥିଲା। ଜୁଲାଇ ୨୦ରେ ଲଗାଣ ବର୍ଷାରେ ଘରର କାନ୍ଥ ଭାଙ୍ଗି ଯାଇଛି। ଏବେ ଭଙ୍ଗା ଘରେ ରହିବା କାଠିକର ପାଠ ହେଉଛି। ଘର ଭଙ୍ଗା ସହାୟତା ପାଇଁ ସ୍ତ୍ରୀ ମଞ୍ଜୁ ତହସିଲଦାର, ଆର୍‌ଆଇ ଓ ଜିଲାପାଳଙ୍କୁ ଅବଗତ କରାଇ ଥିଲେ। କିଛି ସୁଫଳ ନ ମିଳିବାରୁ ସ୍ୱାମୀ ପୁଣି ଫେରାଦ୍ ହୋଇଛନ୍ତି। ଦେଖାଯାଉ ଭଙ୍ଗା ଘରେ ରହୁଥିବା ବିପନ୍ନଙ୍କୁ ପ୍ରଶାସନ କେବେ ଶୁଭ ଦୃଷ୍ଟି ପକାଉଛି।

ବୈଦ୍ୟନାଥ ଘରେ ଡାକ୍ତର
ପ୍ରାକୃତିକ ଆୟୁର୍ବେଦିକ ଔଷଧ

| ରୋଗ | ଔଷଧ |
| --- | --- |
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ ଲୌହ |
| ଡାଇବେଟିସ୍ | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସନ୍ତକ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍ |
| କେଶ ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ କୋଲେଷ୍ଟ୍ରଲ | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ଋତୁସ୍ରାବଜନିତ ସମସ୍ୟା | ସୁନ୍ଦରୀ ସଖୀ, ମେନୋଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଦାଙ୍ଗାଦି ଲୌହ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରରୋଗ | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଲୁ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ:
KENDRAPADA: 9853631559 GANJAM: 9583088964 JAGATSINGHPUR: 9439281532, 9438616702 BARGARH: 7894630209 KENDUJHAR: 6370698870, 9337238557 KEONJHAR: 6370698870 MAYURBHANJ: 9437350156 KORAPUT: 9438765344 MALKANGIR: 9556935213 RAYAGADA: 9937649097



# କମୁଛି ନଦୀ ଜଳସ୍ତର

**ରସୁଲପୁର,୪।୮(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକର ୨୮ ପଞ୍ଚାୟତ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥାଏ। ନଦୀ ଦୁଇଟିରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇ ଜେନାପୁରଠାରେ ବିପଦ ସଂକେତ ଉପରକୁ ଉଠିବା ପରେ ନଦୀକୂଳିଆବାସୀଙ୍କ ମନରେ ଭୟ ସୃଷ୍ଟି କରିଥିଲା। ଶୁକ୍ରବାର ନଦୀର ଜଳସ୍ତର ବିପଦ ସଂକେତଠାରୁ ୭ଫୁଟ ତଳକୁ ଖସି ଯିବା ଯୋଗୁ ବିପନ୍ନଙ୍କୁ ସମାନ୍ୟ ଆଶ୍ୱସ୍ତି ମିଳିଛି। ବ୍ଲକ ଅଧୀନ ବନ୍ଧଡ଼ିହ, ବ୍ରହ୍ମବରଦା, ମଙ୍ଗରାଜପୁର, ସାମନ୍ତରାପୁର, ଅତଲାପୁର, ପ୍ରଥମାଖଣ୍ଡି, ଯାବରା ଓ ବ୍ରହ୍ମବରଦା ଆଦି ପଞ୍ଚାୟତରେ ୬୫୦ରୁ ଉର୍ଦ୍ଧ୍ୱ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରଶାସନ ପକ୍ଷରୁ ପ୍ରାଥମିକ ଆକଳନରୁ ଜଣାପଡ଼ିଛି।

ବନ୍ଧଡ଼ିହ ପଞ୍ଚାୟତରେ ଘେରି ବନ୍ଧ ପାର୍ଶ୍ୱରେ ବସବାସ କରୁଥିବା କଣ୍ଡିଆ ସାହିର ୧୭୦ ଲୋକ ଜଳବନ୍ଦୀ ହୋଇଯାଇଥିଲେ। ଏ ସମ୍ପର୍କରେ



ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚି ବିଡିଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

ଜାଣିବା ପରେ ଗୁରୁବାର ରାତିରେ ବିଡିଓ ଅବନିକାନ୍ତ ସାହୁ, ତହସିଲଦାର ନିରଞ୍ଜନ ସାହୁ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ପହଞ୍ଚି ଜଳବନ୍ଦୀରେ ଥିବା ବନ୍ୟାବିପନ୍ନଙ୍କୁ ସ୍ଥାନୀୟ ବିଦ୍ୟାଳୟକୁ ସ୍ଥାନାନ୍ତର କରିଥିଲେ। ସେମାନଙ୍କୁ ଶୁଖିଲା ଖାଦ୍ୟ ଚୁଡ଼ା, ଗୁଡ଼, ବିସ୍କୁଟ ଆଦି ପ୍ରଦାନ କରାଯାଇଥିଲା। ଏହି ସ୍ଥାନରେ ୨ଦିନ ରନ୍ଧାଖାଦ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଦୁର୍ବଳ ନଦୀବନ୍ଧ ପାର୍ଶ୍ୱରେ ବସବାସ କରୁଥିବା ବ୍ରହ୍ମବରଦା ପଞ୍ଚାୟତର କେତୋଟି ପରିବାରକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରେ ଜାବରା, ସାମନ୍ତରାପୁର, ବାହାଦଲାପୁର ଓ ପ୍ରଥମାଖଣ୍ଡି ଆଦି

- ୮ ପଞ୍ଚାୟତର ୬୫୦ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ
- କଣ୍ଡିଆ ସାହିର ୧୭୦ ବିପନ୍ନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ

ପଞ୍ଚାୟତ ଲୋକଙ୍କ ନିକଟରେ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ଏ ସବୁ ଅଞ୍ଚଳର ଗୃହପାଳିତ ପ୍ରାଣୀଙ୍କୁ ସ୍ଥାନାନ୍ତର କରାଯାଇଛି। ଗୋରୁ, ଛେଳି, କୁକୁଡ଼ାଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯିବା ସହ ଖାଦ୍ୟ ପ୍ରଦାନ କରାଯାଇଛି। ବନ୍ୟାରେ ସାପ କାମୁଡ଼ା ଭୟଥିବାରୁ ପ୍ରଶାସନ ପକ୍ଷରୁ ସାପ କାମୁଡ଼ା ଇଞ୍ଜେକ୍ସନ ମହଜୁଦ ରଖାଯାଇଛି। ତେବେ ସରକାରୀ ଭାବେ କେତେ ଲୋକଙ୍କୁ ରିଲିଫ ପ୍ରଦାନ କରାଯିବ ସେ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ତହସିଲଦାରଙ୍କ ପକ୍ଷରୁ ମିଳିତ ତଦନ୍ତ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯିବ। ଉକ୍ତ ରିପୋର୍ଟ ଆଧାରରେ ରିଲିଫ ପ୍ରଦାନ କରାଯିବ ବୋଲି ବିଡିଓ ସାହୁ ସୂଚନା ଦେଇଛନ୍ତି।

## ବିଞ୍ଝାରପୁରର ବ୍ୟାପକ ଅଞ୍ଚଳ ଜଳମଗ୍ନ



ବିଞ୍ଝାରପୁର ଅଞ୍ଚଳର ଏକ ଗାଁ ପାଣିରେ ବୁଡ଼ି ରହିଛି।

**ପ୍ରୀତିପୁର,୪।୮(ସୁଶାନ୍ତ ବେହୁରିଆ)**

ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ପ୍ରବାହିତ ଖରସ୍ରୋତା ନଦୀରେ ଚଳିତ ବର୍ଷ ପ୍ରଥମ ବନ୍ୟାଜଳ ପ୍ରବେଶ କରିବାରୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଖରସ୍ରୋତାର ବନ୍ୟାଜଳ ସାମାନ୍ୟ ହ୍ରାସପାଇ ଶୁକ୍ରବାର ସାନ୍ଧ୍ୟା ସୁଦ୍ଧା ୯.୫୬ ମିଟରରେ ପହଞ୍ଚିଛି। ଖରସ୍ରୋତାର ଶାଖା ନଦୀ ନୂଆମାହାରାରେ ବନ୍ୟା ଜଳ କୂଳ ଖାଉଛି। ବନ୍ୟା ଜଳ ପ୍ରଭାବରେ ସିଂହପୁର-କଣ୍ଡିଆ ମୁଖ୍ୟ ରାସ୍ତା ନାଉବାଙ୍କଠାରେ ବୁଡ଼ିଯାଇଛି। ସେହିପରି ଜରି ପଞ୍ଚାୟତର ନାଉବାଙ୍କ ଓ ସହଣୀସାହି ଗ୍ରାମରେ ବନ୍ୟଜଳ ପ୍ରବେଶ କରିଛି। ଫଳରେ ଗ୍ରାମବାସୀ ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଛନ୍ତି। ଅପରପକ୍ଷରେ କଲ୍ୟାଣପୁର ପଞ୍ଚାୟତର ଇଚ୍ଛାପୁର ଓ ପରିଡ଼ା ସାହିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗୁରୁବାର ଓଳେଇ ଚନ୍ଦନପୁର ଗ୍ରାମ ନିକଟରେ ଖରସ୍ରୋତା ନଦୀର ବାମ ପାର୍ଶ୍ୱବନ୍ଧରେ ହୋଇଥିବା ଘାଇ ମରାମତି କରାଯାଇଛି। ନଦୀକୂଳିଆ ଗ୍ରାମବାସୀ ଆଶ୍ୱସ୍ତ ହୋଇଛନ୍ତି।

## ସୁପ୍ରିମକୋର୍ଟଙ୍କ ରାୟକୁ ଧର୍ମଶାଳା କଂଗ୍ରେସର ସ୍ୱାଗତ

**ଧର୍ମଶାଳା,୪।୮(ବଟକୃଷ୍ଣ ପରିଡ଼ା)**

ଭାରତୀୟ ଜାତୀୟ କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦ ଘଟଣାରେ ଶୁକ୍ରବାର ସୁପ୍ରିମକୋର୍ଟ ଶୁଣାଣି କରି ତଳ କୋର୍ଟ ଓ ହାଇ କୋର୍ଟ ଦେଇଥିବା ରାୟକୁ ରଦ୍ଦ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଭାରତ ବର୍ଷର କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପରେ କଂଗ୍ରେସ କର୍ମୀମାନେ ବାଜା ବଜାଇ, ବାଣ ଫୁଟାଇ ଉତ୍ସବ ମନାଇଛନ୍ତି। ଧର୍ମଶାଳା କଂଗ୍ରେସ ପକ୍ଷରୁ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରାଯାଇଛି। ଏନେଇ ପିସିସିର ପୂର୍ବତନ ସମ୍ପାଦକ କିଷାନ ପଣ୍ଡାଙ୍କ ନେତୃତ୍ୱରେ ଧର୍ମଶାଳା ବ୍ଲକ୍ ଅଧୀନ ଅରାବଳଠାରେ ଅନୁଷ୍ଠିତ ବୈଠକରେ କର୍ମୀ ଯୋଗଦେଇ ରାହୁଲଙ୍କ ପ୍ରତି ହୋଇଥିବା ଅନ୍ୟାୟର ପର୍ଦ୍ଦାଫାସ ହୋଇଛି ଏବଂ ସତ୍ୟର ଜୟ ହୋଇଛି ବୋଲି କହିଛନ୍ତି। ବୈଠକରେ କଂଗ୍ରେସ ନେତା ନରୋତ୍ତମ ନାୟକ, ମାନଗୋବିନ୍ଦ ସାମଲ, ବସନ୍ତ କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ରାୟ, ନକୁଳ ଜେନା, ଅମରେନ୍ଦ୍ର ସାମଲ, ବାବୁଲି ମଲିକ, ବୈରାଗୀ ମଲିକ, ଦେବାଶିଷ ପରିଡ଼ା, ସାଗର ରାୟ ଓ ଉମା ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ମୁତାବକ, କର୍ନାଟକ ରାଜ୍ୟର ଏକ ସଭାରେ ରାହୁଲ ସବୁ ମୋଦି ସାଙ୍ଗିଆ ଚୋର ବୋଲି କହିଥିଲେ। ଏନେଇ ଗୁଜରାଟର ଜଣେ ଭାଜପା ବିଧାୟକ ତଳ କୋର୍ଟରେ ରାହୁଲଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲେ। ଏହାର ଶୁଣାଣି କରି କୋର୍ଟ ରାହୁଲଙ୍କ ସଭ୍ୟପଦ ରଦ୍ଦ କରିବା ସହ ୨ ବର୍ଷ ଜେଲଦଣ୍ଡ ଶୁଣାଇଥିଲେ। ଏହା ବିରୋଧରେ ରାହୁଲ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ହାଇକୋର୍ଟ ତଳ କୋର୍ଟଙ୍କ ରାୟକୁ ବଳବତ୍ତର ରଖିଥିଲେ। ପରେ ଏହାକୁ ନେଇ ରାହୁଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



କଂଗ୍ରେସ କର୍ମୀମାନେ ଖୁସି ମନାଉଛନ୍ତି।

## ଦଶରଥପୁର ବ୍ଲକର ୮ ପଞ୍ଚାୟତ ପ୍ରଭାବିତ



ବିଦ୍ୟାଳୟରେ ବନ୍ୟା ପାଣି ପଶିଛି।



ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି।

**ଯାଜପୁର,୪।୮(ହର୍ଷବର୍ଦ୍ଧନ ବେହେରା)**

ବୈତରଣୀ ଓ ଏହାର ଶାଖାନଦୀ କାଣୀରେ ବନ୍ୟା ଯୋଗୁ ଦଶରଥପୁର ବ୍ଲକର ୮ ପଞ୍ଚାୟତ ପ୍ରଭାବିତ ହୋଇଛି। ବୈତରଣୀ ନଦୀର ଉପରମୁଣ୍ଡରେ ବନ୍ୟାଜଳ ସାମାନ୍ୟ ହ୍ରାସ ପାଇଥିଲେ ସୁଦ୍ଧା ବ୍ଲକର ତଳମୁଣ୍ଡରେ ଥିବା ପଞ୍ଚାୟତଗୁଡ଼ିକରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ବୈତରଣୀ ବନ୍ୟା ଯୋଗୁ ବ୍ଲକ ଅଧୀନ କଟିକଟା ପଞ୍ଚାୟତର ତରେଇ ସାହି, ଜୟନ୍ତରା ପଞ୍ଚାୟତର ମହାପାତ୍ର ସାହି, କୟାଁ ପଞ୍ଚାୟତର ଧରମପୁର ଓ ଗହିରାପାଳ ଗ୍ରାମକୁ ପ୍ରଭାବିତ କରିଛି। ଏହିସବୁ ଗ୍ରାମକୁ ସଂଯୋଗ ହେଉଥିବା ରାସ୍ତା ବୁଡ଼ିଯିବା ସହ ଘରଘରେ ପାଣି ପଶିଯାଇଛି। ଗ୍ରାମବାସୀ ଉଚ୍ଚ ସ୍ଥାନରେ ଥିବା ଘରେ ଆଶ୍ରୟ ନେଇଛନ୍ତି। ସେହିପରି କାଣୀ ନଦୀର ବନ୍ୟାଜଳ ମଲ୍ଲିକାପୁର ପଞ୍ଚାୟତର ବୈଶପାନ, କସପା ପଞ୍ଚାୟତର ପଞ୍ଚପଡ଼ା, ଦୁଦୁରାଅନ୍ତା ପଞ୍ଚାୟତ ଦୁଦୁରାଅନ୍ତା ଗ୍ରାମର ୪ ୱାର୍ଡ, ଶୁଗୁଆ ପଞ୍ଚାୟତର ସଦାବ୍ରତ ଓ ଈଶ୍ୱରପୁର ଏବଂ ନିଜାମପୁର ପଞ୍ଚାୟତର ରଢ଼ଗାଁ ଆଦି ଗ୍ରାମକୁ ପ୍ରଭାବିତ କରିଛି। ଜଳସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଦୁର୍ବଳ ସ୍ଥାନରେ ବାଲି ବସ୍ତା ପକାଯାଇଥିବାବେଳେ ନଦୀକୂଳରେ ଥିବା ବହୁ ପରିବାର ପାଲ ଟାଣି ନଦୀ ବନ୍ଧରେ ଆଶ୍ରୟ ନେଇଥିବା ଦେଖାଯାଇଛି।

## ରିଲିଫ୍ ବାଣ୍ଟିଲେ ଭାଜପା ଯୁବନେତା

**ଯାଜପୁର ଟାଉନ,୪।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**

ବୈତରଣୀ ନଦୀରେ ବନ୍ୟାଯୋଗୁ ଯାଜପୁର ବ୍ଲକ୍‌ର ଚଇନିପୁର, ମାଳଆନନ୍ଦପୁର, ଭୁବନେଶ୍ୱରପୁର, ପଣସା ଆଦି ଅନେକ ପଞ୍ଚାୟତର ଲୋକେ ପାଣିଘେରରେ ରହିଆସୁଛନ୍ତି। ସେମାନଙ୍କ ପାଖରେ ଭାଜପା ଯୁବନେତା ସଂଗ୍ରାମ ପାତ୍ର ପହଞ୍ଚି ଶୁଖିଲା ଖାଦ୍ୟ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ହୃଷୀକେଶ ପରିଡ଼ା, ସୁଦାମ ପରିଡ଼ା, ଜୟରଞ୍ଜନ ସ୍ୱାଇଁ, ସୌମ୍ୟରଞ୍ଜନ ଦାସ, କାହ୍ନୁ ବେହେରା, ମଣିଆ ଜେନା, ଲୋକନାଥ ରଥ, ଶ୍ରୀକାନ୍ତ ସାହୁ ଓ ପ୍ରତାପ ସ୍ୱାଇଁ ପ୍ରମୁଖ ବହୁ କର୍ମୀ ସାମିଲ ହୋଇଥିଲେ।

## ଗନ୍ଧଣ ପଞ୍ଚାୟତରେ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ

**ରସୁଲପୁର,୪।୮(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତରେ ଶୁକ୍ରବାର ବିଭିନ୍ନ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରୁଦ୍ରନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଡିଓ ଅବନିକାନ୍ତ ସାହୁ ଯୋଗଦେଇ ୧୧ ଅଙ୍ଗନୱାଡି କେନ୍ଦ୍ର, ୭ ପ୍ରାଥମିକ ବିଦ୍ୟାଳୟ, ୯ ବିଧବା ଓ ୨ ଦିବ୍ୟାଙ୍ଗଙ୍କୁ ସହାୟତା ପ୍ରଦାନ କରିଛନ୍ତି। ବିଡିଓ ବିଦ୍ୟାଳୟ ଓ ଅଙ୍ଗନୱାଡିକେନ୍ଦ୍ରଗୁଡ଼ିକୁ ଆଲମିରା, ଚେୟାର ଓ ଟେବୁଲ ପ୍ରଦାନ କରିଥିବାବେଳେ ବିଧବା ଓ ଦିବ୍ୟାଙ୍ଗମାନଙ୍କୁ ଭତ୍ତା ବଣ୍ଟନ କରିଛନ୍ତି।

ଦରକୁଣ୍ଡି ଗ୍ରାମର ସାଇନା ମଲିକଙ୍କୁ ଦିବ୍ୟାଙ୍ଗ ଉପକରଣ ଭାବେ ଚକଲଗା ଚୌକି ପ୍ରଦାନ କରାଯାଇଛି। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଅଜୟ କୁମାର ପଣ୍ଡା, ପୂର୍ବତନ ସମିତିସଭ୍ୟ ଅନନ୍ତ ପୁହାଣ, ଶତ୍ରୁଘ୍ନ ମଲିକ, ସମବାୟ ନେତା ପ୍ରଦୀପ କୁମାର ପତି ପ୍ରମୁଖ ଯୋଗଦେଇ ପଞ୍ଚାୟତ ପକ୍ଷରୁ ଶିକ୍ଷାନୁଷ୍ଠାନଗୁଡିକୁ ଆବଶ୍ୟକୀୟ ଉପକରଣ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହି ମୁତାବକ ପଞ୍ଚାୟତରେ ବଳକା ରହିଥିବା ଚତୁର୍ଦ୍ଦଶ ଅର୍ଥ କମିଶନର ଅନୁଦାନକୁ ବ୍ୟୟ କରାଯାଇ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିଲା। ସାମଜିକ ସୁରକ୍ଷା ଯୋଜନା ଅଧୀନ ହିତାଧିକାରୀଙ୍କ ମୃତ୍ୟୁକାଳୀନ ଶୂନ୍ୟସ୍ଥାନ ପୂରଣ ପୂର୍ବକ ବିଧବା ଓ ଦିବ୍ୟାଙ୍ଗମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ସମିତିସଭ୍ୟ ଅଜୟ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିଲ ଅଙ୍ଗରାଇ ଧନ୍ୟବାଦ ଦେଇଥିଲେ।

## ବଡ଼ଚଣାରେ ପ୍ରଥମ ବନ୍ୟାଜଳ ପ୍ରବେଶ

ଚଣ୍ଡିଖୋଲ,୪।୮(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲାର ବଡ଼ଚଣା ବ୍ଲକ୍ ଅଞ୍ଚଳରେ ପ୍ରଥମ ବନ୍ୟାଜଳ ଗୁରୁବାର ରାତିରେ ପ୍ରବେଶ କାରିଛି। ଏହି ବ୍ଲକଦେଇ ମହାନଦୀର ଶାଖା ବିରୂପା ଓ ଗେଙ୍ଗୁଟି ଏବଂ ବ୍ରାହ୍ମଣୀର ଶାଖା ନଦୀ କେଲୁଅ ପ୍ରବାହିତ ହୋଇଛି। ଉଭୟ ଶାଖା ନଦୀରେ ବନ୍ୟା ଆସିବା ଦ୍ୱାରା ବ୍ଲକ ଅନ୍ତର୍ଗତ ଗୋପାଳପୁର, ମଝିପଡ଼ା, ଚାରିନଙ୍ଗଳ, ପତରାଜପୁର ଓ ବାଲିଚନ୍ଦ୍ରପୁର ଆଦି ପଞ୍ଚାୟତର ଚାଷ ଜମି ବନ୍ୟା ପାଣିରେ ବୁଡ଼ି ରହିଛି। କେତେକ ଗ୍ରାମ୍ୟ ରାସ୍ତାରେ ବନ୍ୟା ଜଳ ମାଡି ଥିବାରୁ ଲୋକେ ପାଣିରେ ପଶି ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଶୁକ୍ରବାର ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ବନ୍ୟା ପ୍ଳାବିତ ପଞ୍ଚାୟତ ବୁଲି ଦେଖିଛନ୍ତି। ବନ୍ୟା ପାଇଁ ବ୍ଲକ ଓ ତହସିଲ ପ୍ରଶାସନ ପ୍ରସ୍ତୁତି ରହିଥିବା ବିଡିଓ ସୂଚନା ଦେଇଛନ୍ତି।



ବଡ଼ଚଣା ଅଞ୍ଚଳରେ ପାଣି ପଶିଛି।

## ଖଣି ନିଗମ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦାବି ନେଇ ବୈଠକ

**କାଳିଆପାଣି,୪।୮(ଅସିତ ମହାନ୍ତ)**

ଓଡ଼ିଶା ଖଣି ନିଗମରେ କାର୍ଯ୍ୟରତ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ସୁକିନ୍ଦା ରିଜିୟନ କ୍ରୋମାଇଟ ମଜଦୁର ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ପଦାଧିକାରୀଙ୍କ ପରି ସମସ୍ତ ସୁବିଧା ଯୋଗାଇଦେବାକୁ ବୈଠକରେ କର୍ମଚାରୀମାନେ ଦାବି ଉପସ୍ଥାପନ କରିଥିଲେ। ବର୍ଷକୁ ୨ ଥର ସ୍ୱତନ୍ତ୍ର ଦରମା ବୃଦ୍ଧି (ସ୍ପେଶାଲ ଇଂକ୍ରିମେଣ୍ଟ), ଗ୍ରୀଷ୍ମ ଋତୁରେ ମିଳୁଥିବା ସମର ଆର୍ଟିକିଲକୁ ବୃଦ୍ଧି କରିବା ଆଦି ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଯୋଗଦେଇ ଦାବିଗୁଡ଼ିକ ଯୁକ୍ତି ଯୁକ୍ତ ଦର୍ଶାଇ ସଂଘ ମାଧ୍ୟମରେ ଉଚ୍ଚ ପଦାଧିକାରୀଙ୍କୁ ଜଣାଇବାକୁ ପ୍ରସ୍ତାବ ଦେଇଥିଲେ। ବୈଠକରେ କ୍ରୋମାଜୋନର ସୁକୁରଙ୍ଗୀ, ଦକ୍ଷିଣ କାଳିଆପାଣି, ସିଓବିପି, କାଳିଆପାଣି, ଚିରିଗୁଣିଆ କାର୍ଯ୍ୟାଳୟର ଶତାଧିକ କର୍ମଚାରୀ ଯୋଗଦେଇଥିଲେ। କର୍ମଚାରୀ ସଂଘ ସମ୍ପାଦକ ମଧୁ ପୃଷ୍ଟି, ପ୍ରଣୟ ପ୍ରଭଞ୍ଜନ ମହାପାତ୍ର, ଗୋପବନ୍ଧୁ ଦାସ, ଏମ୍‌ଡି ନାଜିର ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।




ସୁକିନ୍ଦା ରିଜିୟନ କ୍ରୋମାଇଟ ମଜଦୁର ସଂଘ ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା ଓ ଖଣି କର୍ମଚାରୀ।

## ବରୀ-କଳାମାଟିଆ ମୁଖ୍ୟ ରାସ୍ତାରେ ବନ୍ୟାଜଳ

**ବରୀ,୪।୮(ମହେନ୍ଦ୍ର ସ୍ୱାଇଁ)**

ବରୀ ବ୍ଲକ୍ ଅଞ୍ଚଳରେ ଗୁରୁବାରଠାରୁ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। ଏଥିଯୋଗୁ ବରୀ-କଳାମାଟିଆ ରାସ୍ତାରେ ୨ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହି ରାସ୍ତା ବରୀ ଅଞ୍ଚଳର ମୁଖ୍ୟରାସ୍ତା ହୋଇଥିବାରୁ ଏକାଧିକ ଅଞ୍ଚଳର ଜନସାଧାରଣ ଏହାଉପରେ ନିର୍ଭର କରିଥାନ୍ତି। ସେହିପରି ବନ୍ୟାଯୋଗୁ କଳାମାଟିଆ, ଅଲିପୁର, ବାଲିବିଲ ଓ ଅନ୍ୟାସୀପୁର ଆଦି ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁମିଳିଛି। ଏତଦ୍‌ବ୍ୟତୀତ ଅଙ୍ଗାଳୋ, ଉଦୟନାଥପୁର, ରତଲାଙ୍ଗ ଓ ଭଅଁରା ଆଦି ଅଞ୍ଚଳ ବନ୍ୟାଘେରରେ ରହିଛି। ବନ୍ୟା ଯୋଗୁ ମୁଖ୍ୟତଃ ପନିପରିବା ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ହଠାତ ବନ୍ୟା ଆସିବାରୁ ପୋଟଳ, ଝୁଡ଼ଙ୍ଗ, ବାଇଗଣ ଆଦି ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି।



ବରୀ-କଳାମାଟିଆ ରାସ୍ତା ବୁଡ଼ି ପାଣି ଚାଲୁଛି।

# ଡିଜିପିଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଲେଖିଲା ପ୍ରଶାସନ

### ପୋଲିସ ବିରୋଧରେ ଗଣଧାରଣା ଘଟଣା

କେନ୍ଦ୍ରାପଡ଼ା, ୪।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପୋଲିସର ଡିଏସ୍‌ପି ତଥା ପୂର୍ବତନ ମାର୍ଶାଘାଇ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସିଭିଲ ସୋସାଇଟି ଓ ଓସା ପକ୍ଷରୁ ୨ ତାରିଖରେ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣା ବନ୍ଦ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଗୁରୁବାର ଜିଲା ପ୍ରଶାସନ କାର୍ଯ୍ୟକାରୀ କରିଛନ୍ତି। ଏଡିଏମ୍ ପୀତାମ୍ବର ସାମଲ ଗଣଧାରଣାକାରୀଙ୍କ ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଡିଜିପି ଓ ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଗଣଧାରଣାକାରୀମାନେ ମାର୍ଶାଘାଇ ଥାନା ଅଧୀନ ଆଶ୍ରମ ବାଲିକୁଦାର ଆକାଶ ମିଶ୍ର, ମାର୍ଶାଘାଇ ଗାଁର ଦଳିତ ଯୁବକ ମନୋରଞ୍ଜନ ଦଳାଇ, ତାଳସଙ୍ଗା ଗାଁର ସୁନୀତା ବେହେରା, ଖବରଦାତା ଆଳୟ ସାମନ୍ତରାୟ, ମଣିକୁଣ୍ଡାର ଶାରଦା ପ୍ରସନ୍ନ ସ୍ୱାଇଁ ଏହି ପୋଲିସ ଅଧିକାରୀଙ୍କ ଅତ୍ୟାଚାରର ଶିକାର ହୋଇଛନ୍ତି। କରଞ୍ଜି ଗ୍ରାମର ଜନକର ଜେନା ଓ ମାନସ ଆଚାର୍ଯ୍ୟଙ୍କ ନାମରେ ତତ୍କାଳୀନ ଥାନାଧିକାରୀ ସାମନ୍ତରାୟ ମିଥ୍ୟା ମାମଲା ରୁଜୁ କରିଛନ୍ତି ବୋଲି ଅଭିଯୋଗ କରିଥିଲେ।

# କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ପାଇଁ ବଢୁଛି ଅସନ୍ତୋଷ

### ଟ୍ରକ୍ ଡ୍ରାଇଭରଙ୍କଠାରୁ ଲୁଟ୍ ମାମଲା

କେନ୍ଦ୍ରାପଡ଼ା, ୪।୮ (ଜଗନ୍ନାଥ ଧଳ)

ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ମାର୍ଶାଘାଇ ଥାନା ଶିଳିପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ଟ୍ରକ ଡ୍ରାଇଭରଙ୍କଠାରୁ ଜୁଲାଇ ୨୬ରେ ଟଙ୍କା ଓ ମୋବାଇଲ ଆଦି ଲୁଟ ହୋଇଥିଲା। ଅପରାହ୍ନରେ ଏହି ଲୁଟ ହୋଇଥିଲେ ମଧ୍ୟ ଅଦ୍ୟାବଧି ଅଭିଯୁକ୍ତଙ୍କ ନିକଟରେ ପୋଲିସ ପହଞ୍ଚି ପାରିନାହିଁ। ଏହି ମାମଲା ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ମାମଲାର ଅଭିଯୋଗ ଅନୁଯାୟୀ, ଜଗତସିଂହପୁର ଜିଲା କୁଜଙ୍ଗ ଥାନା ଷଣ୍ଢପୁର ଗ୍ରାମର ରାଜଶ୍ରୀ ପରିଡ଼ାଙ୍କ ଟ୍ରକ୍ ନଂ. ଓଡି ୦୫ ବିଏମ୍ ୪୦୪୧ ତେଲ ପକାଇବା ପାଇଁ ମାର୍ଶାଘାଇ ଥାନା ଅଂଚଳର ଅର୍ଦ୍ଧପୂର୍ଣ୍ଣା ଫିଲିଙ୍ଗ ଷ୍ଟେଶନକୁ ଯାଇଥିଲା। ଏହି ସମୟରେ ଏକ ଧଳା କାର ନଂ. ଓଡି ୨୯ ଏଫ ୬୯୭୨ରେ କେନ୍ଦ୍ରାପଡା ଥାନା କାକଟ ଗ୍ରାମର ଗିରିଶ ଚନ୍ଦ୍ର ସାହୁ ଓରଫ ସିଲୁ, ସଦର ଥାନା ଯୁଇଦାସପୁର ଗ୍ରାମର କିଶୋର କୁମାର ସାହୁ ଓ ଅନ୍ୟ ୩ ଜଣ ଆସି ଡ୍ରାଇଭର ଶାମସୁଦ୍ଦିନ ସେଖ ଓ ସୁପରଭାଇଜର ଯଦିକାନ୍ତ ପ୍ରଧାନଙ୍କୁ ଭୁଜାଳିରେ ଆକ୍ରମଣ କରି ୧୨ ହଜାର ଟଙ୍କା, ମୋବାଇଲ, ଚାବିକାଠି ଓ କାଗଜପତ୍ର ଛଡାଇ ନେଇଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ରାହାଜାନୀ ଲୁଟ ତରାଜ ବଢ଼ିଥିବା ଆଲୋଚନା ଜୋର ଧରିଛି। ତଦନ୍ତ ଅଧିକାରୀ ଏସ୍‌ଆଇ ଅଜୟ କୁମାର ସାହୁ କହିଛନ୍ତି, ଏ ସମ୍ପର୍କରେ ସୁପରଭାଇଜର ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ନଂ.୪୩୪/୨୩ରେ ମାମଲା ରୁଜୁ ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ଆଇ ସାହୁ ସୂଚନା ଦେଇଛନ୍ତି।

# ଉଜୁଡ଼ିଯାଉଛି ମନ୍ମଦ ଉଦ୍ୟାନ: ବିପଦରେ ଭ୍ୟୁ ଟାୱାର





ପୌରାଧକ୍ଷ, ଅତିରିକ୍ତ ଜିଲାପାଳ ଓ ପ୍ରଶାସନିକ ଅଧିକାରୀମାନେ ବନ୍ୟା ପରିସ୍ଥିତି ବୁଲି ଦେଖୁଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଭ୍ୟୁ ଟାୱାର।

ପାରାଦୀପ,୪।୮ (ଶରତ ରାଉତ)

### ମହାନଦୀରେ ମଧ୍ୟମ ଧରଣ ବନ୍ୟା ଜଳ

ମହାନଦୀରେ ଏବେ ମଧ୍ୟମ ଧରଣର ବନ୍ୟା ସୃଷ୍ଟି ହୋଇଛି। ଏହି ବନ୍ୟା ଜଳ ପାରାଦୀପର ନେହେରୁ ବଙ୍ଗଳା ମନ୍ମଦ ଉଦ୍ୟାନଠାରେ ସମୁଦ୍ରରେ ମିଶୁଛି। ଯେଉଁ ସ୍ଥାନରେ ମହାନଦୀ ବନ୍ୟାଜଳ ସମୁଦ୍ରରେ ମିଶୁଛି ସେଠାରେ ଏବେ କୂଳ କ୍ଷୟ ହେବାରେ ଲାଗିଛି। ଏପରିକି ମନ୍ମଦ ଉଦ୍ୟାନଠାରୁ ମାଛଧରା ବନ୍ଦର ପର୍ଯ୍ୟନ୍ତ ମହାନଦୀର ପାରାଦୀପ ସୀମାର ଅନେକ ଜାଗା ନଦୀରେ ଲୀନ ହୋଇଗଲାଣି। ଚଳିତ ବନ୍ୟାରେ ପ୍ରାୟ ୨ ଏକର ଜାଗା ଖାଇଯାଇଛି। ଏହାଦ୍ୱାରା ମନ୍ମଦ ଉଦ୍ୟାନରେ ଥିବା ଅନେକ ଗଛ, ପର୍ଯ୍ୟଟକଙ୍କ ପାଇଁ ନିର୍ମିତ ହୋଇଥିବା ଅନେକ ଛୋଟ ଛୋଟ ପ୍ରକଳ୍ପ ପାଣିରେ ଲୀନ ହୋଇଯାଇଛି। ସବୁଠାରୁ ଉଦବେଗ ହେଉଛି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ନିର୍ମିତ ଭ୍ୟୁ ଟାୱାର ଭୁଶୁଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହି ଘରର ତଳ ଭାଗରେ ଢେଉ ଅତଡ଼ା ଖାଉଛି। ସେହି ଘରେ ପର୍ଯ୍ୟଟକଙ୍କ ପାଇଁ କ୍ୟାଣ୍ଟିନ ଚଳାଉଥିବା ସ୍ୱର୍ଣ୍ଣମୟୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଶୁକ୍ରବାର ଭୟରେ ସେଠାକୁ ଯାଇ ନାହାନ୍ତି। ଘର ହଲିଲାଣି, ଯେକୌଣସି ସମୟରେ ଭୁଶୁଡ଼ି ପଡିବ ବୋଲି ଏସ୍‌ଏଚଜି ସଦସ୍ୟାପୁରବୀ ମଣ୍ଡଳ କୁହନ୍ତି। ଏଭଳି ନଦୀ ଅତଡା ଖାଇବା ଘଟଣା ପ୍ରଘଟ ହେବାପରେ ଅପରାହ୍ନରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ଲଗ୍ନଜିତ୍ ରାଉତ ଓ ଅନ୍ୟଯନ୍ତ୍ରୀମାନେ ଯାଇ ଭିତ୍ତିଭୂମି ଦେଖିଥିଲେ। ମନ୍ମଦ ଉଦ୍ୟାନ ଓ ଭ୍ୟୁ ଟାୱାର ସୁରକ୍ଷା ପାଇଁ ବନ୍ଦର ଅଧକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି ପୌରାଧକ୍ଷ ବିଶ୍ୱାଳ କହିଛନ୍ତି। ନଦୀ ସ୍ରୋତ ସହ ସମୁଦ୍ର କରେଣ୍ଟ (ଅନ୍ତଃସ୍ରୋତ) ମିଶିବା ଦ୍ୱାରା ସେଠାରେ ଥିବା ପଥରବନ୍ଧ ମଧ୍ୟ ଦବି ଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ତଥା ବାହାରୁ ଅନେକ ପର୍ଯ୍ୟଟକ ପାରାଦୀପ ଆସିଲେ ମୁଖ୍ୟ ଆକର୍ଷଣ ମହାନଦୀ ମୁହାଣ ନିକଟକୁ ଯାଇଥାନ୍ତି। ଏଠାରେ ମହାନଦୀ ଓ ସମୁଦ୍ରର ନୈସର୍ଗିକ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ସେଥିପାଇଁ ସେଠାରେ ପାରାଦୀପ ବନ୍ଦର ଓ ପୌରପାଳିକା ପକ୍ଷରୁ ଅନେକ ପ୍ରକାର ସୌନ୍ଦର୍ଯ୍ୟକରଣ କାମ କରାଯାଇଛି। ଏବେ ବନ୍ୟାଜଳ ସେସବୁକୁ ଅଧା ନଷ୍ଟ କରି ସାରିଲାଣି। ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନ ନେଲେ ମନ୍ମଦ ଉଦ୍ୟାନ ସବୁଦିନ ପାଇଁ ଲୀନ ନ ହେବ ସେ କଥା ଏଡ଼ାଇ ଦିଆଯାଇ ନ ପାରେ।

# ବ୍ରାହ୍ମଣୀ ନଦୀ ବନ୍ୟାରେ ୬ ପଞ୍ଚାୟତ ପ୍ରଭାବିତ

ରାଜନଗର, ୪।୮ (ଭାସ୍କର ରାଉତରାୟ)

ବ୍ରାହ୍ମଣୀ ନଦୀରେ ବନ୍ୟା ଆସି ବନ୍ୟାଜଳ ମାଡ଼ିଯିବା ଯୋଗୁ ରାଜନଗର ବ୍ଲକର ୬ ପଞ୍ଚାୟତ ପ୍ରଭାବିତ ହୋଇଛି। ରାଜନଗର ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର, ବାଲିସାହିପାଟଣା, କେରେଡ଼ାଗଡ଼ ପଞ୍ଚାୟତର ଚାଷଜମିରେ ବନ୍ୟାଜଳ ମାଡ଼ିଯାଇଛି। କୌଣସି କ୍ଷୟକ୍ଷତି ହୋଇ ନ ଥିଲେ ମଧ୍ୟ ୬ଟି ପଞ୍ଚାୟତର ହଜାର ହଜାର ଏକର ଚାଷଜମିକୁ ବନ୍ୟାଜଳ ବୁଡ଼ାଇ ରଖିଛି। ବନ୍ୟାଜଳ ବେଲପାଳ ପଞ୍ଚାୟତ ଅଫିସ, ମିନି ମାର୍କେଟ, ମା' କାଳୀମନ୍ଦିର, ଶିବମନ୍ଦିର ଓ ହନୁମାନ ମନ୍ଦିର ଏବଂ ଏଏନ୍‌ଏମ୍ ସେଣ୍ଟର ପାଣିଘେରରେ ରହିଛି। ଛ'ମାଣିଆ ନଗଡ଼ ରାସ୍ତା, ଗୋବିନ୍ଦପୁର ନଗଡ଼ ରାସ୍ତା, ରାଜପୁର-ବାଲିଚନ୍ଦ୍ରପୁର ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ପାଣି ବଢୁଥିବାରୁ ୬ ପଞ୍ଚାୟତବାସୀଙ୍କ ମଧ୍ୟରେ ଛନକା ସୃଷ୍ଟି ହୋଇଛି।



ରାଜନଗର ବେଲପାଳ ପଞ୍ଚାୟତ କାର୍ଯ୍ୟାଳୟ ପାଣିଘେରରେ।

# ରାଜପଥରେ ପୋଲିସ-ଟ୍ରକ୍ ମାଲିକ ଠେଲାପେଲା

ପାରାଦୀପ,୪।୮ (ଶରତ ରାଉତ)

### ୫ ଗିରଫ,୩ ଟ୍ରକ୍, ୧ ବୋଲେରୋ ଜବତ

ପାରାଦୀପ ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥର ପାରାଦୀପ ଲକ୍‌ଥାନା ଅଧୀନ ଜଗତି ଛକରେ ଗୁରୁବାର ରାତିରେ ପୋଲିସ ଓ ଟ୍ରକ୍ ମାଲିକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଲକ୍‌ଥାନା ପୋଲିସ ଶୁକ୍ରବାର ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ୩ ଟ୍ରକ ଓ ଗୋଟିଏ ବୋଲେରୋକୁ ଜବତ କରିଛି। ଏ ନେଇ ଥାନାରେ ମାମଲା (ନଂ.୩୦୬/୨୩) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୩ ଲୁହାପଥର ବୋଝେଇ ଟ୍ରକ୍ ଧାଡିରେ ନ ଆସି ରାସ୍ତାର ଡାହାଣପଟେ ପାରାଦୀପ ଅଭିମୁଖେ ଆସୁଥିଲେ। ଜଗତି ଛକରେ ପାଟ୍ରୋଲିଂ ପୋଲିସ ଟ୍ରକ୍‌ଗୁଡିକୁ ଅଟକାଇ ଲାଇନରେ ଆସିବାକୁ କହିଥିଲା। ଏହି ସମୟରେ ୩ଟି ଟ୍ରକ ମାଲିକସଂଘକୁ ନେଇ ଗଠିତ ଜେସିସି (ଜଏଣ୍ଟ କୋଅର୍ଡିନେଶନ କମିଟି)ର ୨ ଜଣ କର୍ମକର୍ତ୍ତା ତଥା ଟ୍ରକ ମାଲିକ ଏକ ବୋଲେରୋ ଗାଡ଼ିରେ ଆସି ପୋଲିସ ସହ ଝଗଡା କରି ଏସ୍‌ଆଇ ଧରିତ୍ରୀ ଜେନାଙ୍କୁ ଠେଲାପେଲା କରିଥିଲେ। ଏନେଇ ଏସ୍‌ଆଇ ଜେନା ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମସ୍ତ ୪ଟି ଗାଡି ଓ ଏଥିରେ ଥିବା ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟ୍ରକ ମାଲିକ ମନୋଜ କୁମାର ସାହୁ ଓ ସୁଜିତ କୁମାର ନାୟକ ଏବଂ ଡ୍ରାଇଭର ତପନ କୁମାର ପରିଡା, ପ୍ରସନ୍ନ କୁମାର ନାୟକ, ବିଜୟ କୁମାର ସାମଲ। ସୂଚନାଯୋଗ୍ୟ ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ରାଜପଥର ବାମପାର୍ଶ୍ୱରେ ଟ୍ରକଗୁଡିକ ଧାଡିରେ ଆସିଥାନ୍ତି। ରାତିରେ ଏକ କମ୍ପାନୀର ଅନେକ ଗାଡି ଧାଡ଼ିରେ ଆସନ୍ତି ନାହିଁ। ଉକ୍ତ ଗାଡ଼ିଗୁଡ଼ିକୁ ଶୀଘ୍ର ଆସିବା ପାଇଁ ମାଲିକମାନେ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବାବେଳେ ପୋଲିସ ଅଟକାଇବାରୁ ଏପରି ଗଣ୍ଡଗୋଳ ଘଟିଥିବା କୁହାଯାଇଛି।

# ତେରାମାଣପୁରରେ ୩୦ ଫୁଟର ଘାଇ: ବନ୍ଧ ଭାଙ୍ଗିଲା



ଘାଇ ଯୋଗୁ ସବୁଆଡ଼େ ଜଳମଗ୍ନ ହୋଇଯାଇଛି।

ରାହାମା,୪।୮ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ତେରାମାଣପୁର ମହାନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ଶୁକ୍ରବାର ଭୋର ସମୟରେ ଭାଙ୍ଗିଯାଇଛି। ଗତ ବର୍ଷ ଏହି ଜାଗାରେ ଘାଇ ହୋଇଥିଲା ଚଳିତ ବର୍ଷ ଠିକ୍ ସେହି ଜାଗାରେ ଏକ ୩୦ ଫୁଟର ଘାଇ ହୋଇଛି। ଫଳରେ ତେରାମାଣପୁର ଏବଂ କୋଠସାହି ଗ୍ରାମର ୨୦୦ ପରିବାରର ପାଖାପାଖି ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପାଣିଘେରରେ ଅଛନ୍ତି। ସରକାର ଗତବର୍ଷ ସେହି ଘାଇ ଉପରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଖର୍ଚ୍ଚକରି ଥିବାନ୍‌ବେଳେ ପୁନର୍ବାର ସେହି ଜାଗାରେ ବନ୍ଧ ଭାଙ୍ଗିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ସାଇଲୋ ପଞ୍ଚାୟତ ହରିପୁର ଗ୍ରାମକୁ ବନ୍ୟାଜଳ ପ୍ରବେଶ କରିବା ଫଳରେ ଉକ୍ତ ଗ୍ରାମଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ କହିବାନୁସାରେ, ହରିପୁରକୁ ଗୋଟିଏ ବୋଟ ଦିଆଯାଇଛି। ଦରକାର ପଡିଲେ ଆଉ ଗୋଟିଏ ଦିଆଯିବ।

ସନ୍ଧ୍ୟାସୁଦ୍ଧା ଗୋଖାଦ୍ୟ, ଏବଂ ପାଣିଘେରରେ ଥିବା ହରିପୁର, ତେରାମାଣପୁର, କୋଠସାହିର ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ ପହଞ୍ଚିବ। ଆରଡବ୍ଲ୍ୟୁଏସ୍‌ଏସ୍‌ର ସହକାରୀ ଯନ୍ତ୍ରୀ ମାନସୀ ବେହେରାଙ୍କ ତତ୍ତ୍ୱାବଧାନରେ ମୋବାଇଲ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟରୁ ପାଣି ଘେରରେ ଥିବା ଲୋକମାନଙ୍କୁ ପାଉଚ ପାଣି ବୋଟ ମାଧ୍ୟମରେ ପହଞ୍ଚାଇ ଦିଆଯାଉଛି। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସନ କୁମାର ପଣ୍ଡାଙ୍କ ସହ ଏକ ମେଡିକାଲ ଟିମ ପହଞ୍ଚି ଲୋକମାନଙ୍କର ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ, ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, କୁଜଙ୍ଗ ବ୍ଲକ ଉପାଧ୍ୟକ୍ଷ ନିନାରାଣୀ ସାହୁ ପ୍ରଶାସନିକ ଅଧିକାରୀଙ୍କ ସହ କଥାହେବା ସହ ତୁରନ୍ତ ଶୁଖିଲା ଖାଦ୍ୟ, ପଲିଥିନ, ଗୋ ଖାଦ୍ୟ ପହଞ୍ଚାଇବାକୁ ପରାମର୍ଶ ଦେଇଛନ୍ତି।

# ଦେଶୀ ମଦ ଜବତ, ୪ ଗିରଫ

କୁଜଙ୍ଗ,୪।୮ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ବାଲିତୁଠ ରାସ୍ତା ନିକଟବର୍ତ୍ତୀ ଅଞ୍ଚଳରେ ଗୁରୁବାର ପୋଲିସ ଚଢ଼ାଉ କରି ୩୮ ଲିଟର ଦେଶୀମଦ ଜବତ କରିଛି। ଏହି ଅଭିଯୋଗରେ ୪ ଜଣଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ନିରୋଜ ଦାସ ଓରଫ ନିଲୁ, ସୌମ୍ୟରଞ୍ଜନ ପରିଡା ଓରଫ ଜଗନ, ବିକ୍ରମ ନାରାୟଣ ଦାସ ଓରଫ ସୁବା ଓ ବିଷ୍ଣୁ ନାଥ। ପୋଲିସ ପ୍ରଥମେ ନିଲୁ ଓ ଜଗନଙ୍କୁ ଗିରଫ କରି ଜେରା କରିବା ପରେ ବିକ୍ରମ ଓ ବିଷ୍ଣୁଙ୍କୁ ଧରିବାକୁ ସକ୍ଷମ ହୋଇଥିଲା।

# ସମ୍ପାଦକଙ୍କ ପୁନଃ ନିଯୁକ୍ତି ନେଇ ପଲେଇ ସମବାୟ ସମିତିରେ ଉତ୍ତେଜନା

ଡେରାବିଶ,୪।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ କ୍ଷୀରୋଦ କୁମାର ଭଦ୍ରଙ୍କ କାର୍ଯ୍ୟରେ ଅନିୟମିତତା ନେଇ ୨୦୨୧ ଫେବୃୟାରୀରେ ନିଲମ୍ବିତ ହୋଇଥିଲେ। ତେବେ ଭଦ୍ର ଏହା ବିରୋଧରେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ପରେ ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ମନୋରଞ୍ଜନ ଦାସ ଏହି ସମିତିର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ଏଠାରେ ଥିବା ସମ୍ପାଦକ ଭଦ୍ର ନ୍ୟାୟାଳୟରେ ଡିଗ୍ରୀ ପାଇବା ପରେ କେନ୍ଦ୍ରାପଡ଼ା ସହକାରୀ ସମବାୟ ନିବନ୍ଧକ ତାଙ୍କୁ ପୁନଃ ନିଯୁକ୍ତି ପାଇଁ ଏକ ନିର୍ଦ୍ଦେଶନାମା ଦେଇଥିଲେ। ଏହି ନିର୍ଦ୍ଦେଶନାମା ବଳରେ ଶୁକ୍ରବାର ଅପରାହ୍ନରେ ଭଦ୍ର ପଲେଇ ସମବାୟ ସମିତିକୁ ଆସି ଦାୟିତ୍ୱ ନେବାକୁ ଚାହିଁଥିଲେ ମଧ୍ୟ କେତେଜଣ ବ୍ୟକ୍ତି ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇବା ଓ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିବା ଖବରପାଇ ଡେରାବିଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ କରିଥିଲା। ପରେ ଭଦ୍ର ଏ ନେଇ ଥାନାରେ ଏକ ଅଭିଯୋଗ ମଧ୍ୟ କରିଛନ୍ତି। ଏ ସଂକ୍ରାନ୍ତରେ ସମବାୟ ସମିତିର ପରିଚାଳନା କମିଟିର ସଭାପତି ରମାକାନ୍ତ ପରିଡ଼ାଙ୍କୁ ପଚାରିବାରୁ ଭଦ୍ରଙ୍କ ପୁନଃ ନିଯୁକ୍ତି ସମବାୟ ନିୟମକୁ ଉଲ୍ଲଂଘନ କରିଛି। ଭଦ୍ରଙ୍କ ନିଯୁକ୍ତି ନେଇ ପରିଚାଳନା କମିଟିରେ କୌଣସି ରିଜୋଲ୍ୟୁସନ୍ ହୋଇନାହିଁ। ଅପରପକ୍ଷରେ ଭଦ୍ର ପରିଚାଳନା କମିଟିର ବିନା ଅନୁମୋଦନରେ ସେ କିପରି ପୁନଃନିଯୁକ୍ତି ହେଲେ ବୋଲି ପ୍ରଶ୍ନ କରିଛନ୍ତି। ତେବେ ଏ ବିଷୟରେ ଭଦ୍ରଙ୍କୁ ପଚାରିବାରୁ ପରିଚାଳନା ବୋର୍ଡ଼ର ଅଧିକାଂଶ ସଦସ୍ୟଙ୍କ ଦ୍ୱାରା ହୋଇଥିବା ବୈଠକର ଏକ ରିଜୋଲ୍ୟୁସନ୍ ଅନୁଯାୟୀ, ତାଙ୍କୁ ସମବାୟ ନିବନ୍ଧକ ନିଯୁକ୍ତି ଦେଇଛନ୍ତି। ଶୁକ୍ରବାର ସେ ଦାୟିତ୍ୱ ଗ୍ରହଣ କରିବାକୁ ଆସିଥିଲାବେଳେ ଅତିରିକ୍ତ ଦାୟିତ୍ୱରେ ଥିବା ସମ୍ପାଦକ ମନୋରଞ୍ଜନ ସମିତିର ଚାବି ଓ ରସିଦ ବହି ହସ୍ତାନ୍ତର କରିଥିବାବେଳେ ଶନିବାର ସମସ୍ତ ଦାୟିତ୍ୱ ତାଙ୍କୁ ହସ୍ତାନ୍ତର କରିବେ ବୋଲି ଭଦ୍ର କହିଛନ୍ତି। ଏ ସମ୍ପର୍କରେ ଜିଲା ସହକାରୀ ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସଙ୍କୁ ପଚାରିବାରେ ଏ ବିଷୟରେ ସେ ବୁଝି ପରେ କହିବେ ବୋଲି କହିଥିଲେ।

# ତଳିଆ ଅଞ୍ଚଳରେ ବନ୍ୟାପାଣି, ୭୦୦ ଲୋକ ସ୍ଥାନାନ୍ତର



ଜିଲାପାଳ ଓ ବିଧାୟକ ଲୋକଙ୍କ ସମସ୍ୟା ବୁଝୁଛନ୍ତି।

- ପରିବା ଫସଲ ପ୍ରଭାବିତ
- ଜିଲାପାଳଙ୍କ ସମୀକ୍ଷା
- ରିଲିଫ କେନ୍ଦ୍ର ବୁଲିଲେ ବିଧାୟକ

ତିର୍ତ୍ତୋଲ, ୪।୮ (ଗୌରାଙ୍ଗ ଚରଣ ସ୍ୱାଇଁ)

ମହାନଦୀ ଓ ଏହାର ଶାଖା ନଦୀ ପାଇକାର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ତିର୍ତ୍ତୋଲ ବ୍ଲକର କୋଲର, ତରଜଙ୍ଗ, ତିର୍ତ୍ତୋଲ, ମଣିଜଙ୍ଗା ଓ ସାମନ୍ତରାପୁର ପଞ୍ଚାୟତର ନଦୀ ପଠା ଓ ତଳିଆ ଅଞ୍ଚଳର ବହୁ ଲୋକେ ପ୍ରଭାବିତ ହୋଇଛନ୍ତି। ଏନେଇ ପ୍ରାୟ ୭୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ଉଚ୍ଚ ସ୍ଥାନ ଓ ରିଲିଫ କ୍ୟାମ୍ପରେ ପ୍ରଶାସନ ତରଫରୁ ଥଇଥାନ କରାଯାଇଛି। ପ୍ରଶାସନ ପକ୍ଷରୁ ଏହି ବ୍ଲକ ଅଞ୍ଚଳରେ ଥିବା ୧୭ଟି ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ମହାନଦୀ ଯୋଗୁ ପ୍ରଭାବିତ ହୋଇଥିବା ତରଜଙ୍ଗ ପଞ୍ଚାୟତ କୋଟକଣା ଆଦିବାସୀ ସାହିର ୧୨ ପରିବାର, ତିର୍ତ୍ତୋଲସ୍ଥିତ ଆଦିବାସୀପଡାର ୨୦ ପରିବାର, ମଣିଜଙ୍ଗା ପାଳନ୍ଦାର ୪୨ ପରିବାରକୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେହିପରି ପାଇକା ବନ୍ୟା ଜଳ ଦ୍ୱାରା ପ୍ରଭାବିତ ସାମନ୍ତରାପୁର ପଞ୍ଚାୟତ ଅନୁପଲ୍ଲା ଗ୍ରାମର ୨୦ଟି ପରିବାରକୁ ଉଚ୍ଚ ସ୍ଥାନ ଓ ରିଲିଫ କ୍ୟାମ୍ପରେ ଥଇଥାନ କରାଯାଇଛି। ସେମାନଙ୍କ ଲାଗି ଶୁଖିଲା ଖାଦ୍ୟ ସହ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ମହାନଦୀର ମୁଖ୍ୟ ନଦୀବନ୍ଧ ତଥା ତାଳଦଣ୍ଡା କେନାଲ ଉତ୍ତର ପାର୍ଶ୍ୱ ମହାନଦୀ ଅବବାହିକାରେ ବସବାସ କରୁଥିବା ପରିବାର ଓ ସେମାନଙ୍କ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଥିବାବେଳେ ହଜାର ହଜାର ହେକ୍ଟର ପନିପରିବା ଫସଲ ବନ୍ୟା ଜଳରେ ବୁଡ଼ିଯାଇଛି। ଏଥିଯୋଗୁ ଯୋଗୁ ତାଳଦଣ୍ଡା କେନାଲବନ୍ଧ ଓ ବିଭିନ୍ନ ବିଦ୍ୟାଳୟରେ ପୀଡ଼ିତମାନେ ଆଶ୍ରୟ ନେଇଛନ୍ତି। ମଣିଜଙ୍ଗା-ତାରତୋଲ ରାସ୍ତାରେ ୫ ଫୁଟ ଉଚ୍ଚତାର ବନ୍ୟାଜଳ ପ୍ରବାହିତ ହେଉଛି। ଏହି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଛି। ଜିଲାପ୍ରଶାସନ ସହଯୋଗରେ ବ୍ଲକ ପ୍ରଶାସନ ପକ୍ଷରୁ ରିଲିଫ କାର୍ଯ୍ୟ ଆରମ୍ଭ କରାଯାଇଛି। ସନ୍ଧ୍ୟାରେ ଜିଲାପାଳ ପାରୁଲ ପଟାୱାରି ତିର୍ତ୍ତୋଲ ବ୍ଲକ ଗସ୍ତ କରି ବନ୍ୟା ସମୀକ୍ଷା କରିଛନ୍ତି। ମଣୀ ଚରଣ ସାରଳା ଏକାଡେମୀ ପରିସରରେ ଥିବା ରିଲିଫ କ୍ୟାମ୍ପ ପରିଦର୍ଶନ କରି ବିପନ୍ନଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କୁ ରନ୍ଧା ଖାଦ୍ୟ ସହ ଶୁଖିଲା ଖାଦ୍ୟ ପ୍ରଦାନ ଲାଗି ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ଭାରପ୍ରାପ୍ତ ବିଡିଓ ତପନ କୁମାର ସେନାପତି, ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ, ବିନୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ବିଧାୟକ ବିଜୟ ଶଙ୍କର ଦାସ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ମଣିଚରଣ ସାରଳା ଏକାଡେମୀ ପରିସର ରିଲିଫ କ୍ୟାମ୍ପରେ ପୀଡ଼ିତମାନଙ୍କୁ ଶୁଖିଲା ଖାଦ୍ୟ ବିତରଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ଅଧିକାରୀ, ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ।

# ବନ୍ୟା ବେଳେ ହେଉଛି ଦୁର୍ବଳ ନଦୀବନ୍ଧ କାମ





ବ୍ଲକ ଅଧୀନ ଆଖଡ଼ାଶାଳୀ-ଗୋପାଳପୁର ଲୁଣା ନଦୀବନ୍ଧରେ ଫାଟ ବନ୍ଦ ପାଇଁ ବାଲିବସ୍ତା ପ୍ୟାଚ। ମହାନଦୀରେ ଭାସିଯାଇଥିବା ମତ୍ସ୍ୟଜୀବୀ ସୁରଥ ମାଝିଙ୍କୁ ଓଡ୍ରାଫ୍ ଟିମ୍ ଉଦ୍ଧାର କରି ଆଣୁଛି।

ମହାକାଳପଡ଼ା,୪।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ଆଖଡ଼ାଶାଳୀ-ଗୋପାଳପୁର ଲୁଣା ନଦୀବନ୍ଧ ସମ୍ପ୍ରସାରଣ କାମ
- ଲୁଣା ନଦୀ ପାର୍ଶ୍ୱରୁ ମାଟି ଉଠାଇ ରାସ୍ତା ସମତୁଲ
- ବାଲି ବସ୍ତା ପକାଇ ବିଭାଗ ଫାଟ ଚାପିବା ପାଇଁ ପ୍ରୟାସ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦେଇ ପ୍ରବାହିତ ହେଉଥିବା ମହାନଦୀ, ଲୁଣା ଓ ପାଇକା ନଦୀରେ ଜଳସ୍ତର ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବୃଦ୍ଧି ପାଇବାରେ ଲାଗିଛି। ବନ୍ୟା ଜଳ ଘେରରେ ବ୍ଲକର ତିଖିରି, ଅମେଇପାଳ, ଖୁରୁସିଆ, ପାତୁଳି ପଙ୍କ, ରୋମିତ ଆଦି ପଞ୍ଚାୟତର ତଳିଆ ଅଞ୍ଚଳରେ ଗାଁ ଗଣ୍ଡାରେ ପାଣି ପଶିଥିବା ଦେଖିବାକୁ ମିଳୁଛି। ସେହିପରି ପାଟଳୀପଙ୍କ ଗାଁର ତଳ ପଡ଼ା ବୀରକିଶୋର ବେହେରାଙ୍କ ଘର ସମ୍ମୁଖ ବନ୍ଧରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ବହ୍ଲା ଓ ବାଲି ବସ୍ତା ପକାଇ ଫାଟ ସୃଷ୍ଟି ହୋଇଥିବା ବନ୍ଧ କରିବାକୁ ଉଦ୍ୟମ ଚାଲିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ମହାନଦୀରେ ବନ୍ୟା ଆସିବା ଫଳରେ ଦୁର୍ବଳ ବନ୍ଧରେ ବାଲି ବସ୍ତା ପକାଇ ନଦୀ ବନ୍ଧକୁ ସୁରକ୍ଷା ଦେବା ନେଇ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କଲେଣି।

ସୂଚନାଯୋଗ୍ୟ, ବ୍ଲକର ଲୁଣା ନଦୀ ଘେରି ବନ୍ଧ ଗୋପାଳପୁର-ଆଖଡ଼ାଶାଳୀ ୭ କିମି ଲମ୍ବର ନଦୀ ତଟବନ୍ଧ ବିଭାଗ ପକ୍ଷରୁ ଅର୍ଥ ବ୍ୟୟରେ ରାସ୍ତା ସମ୍ପ୍ରସାରଣ ନିର୍ମାଣ କାର୍ଯ୍ୟ ଚଳିତ ମାର୍ଚ୍ଚ ମାସଠାରୁ ଆରମ୍ଭ ହୋଇଥିଲେ ମଧ୍ୟ କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ବନ୍ୟା ପୂର୍ବରୁ ନିର୍ମାଣ କାର୍ଯ୍ୟ ସରିଲା ନାହିଁ। ବନ୍ୟା ସମୟରେ ଓଭର ଲୋଡ଼ିଂ, ଭାରିଯାନରେ ମାଲ ନେଇ ତରବରିଆ ଭାବେ ଖେଳା ହେଉଥିବ ନଜର ଆସିଛି। ତେବେ ଏହି ଲୁଣା ନଦୀ ଘେରି ବନ୍ଧ ୧୩ ଗାଁ ଘାଟ ନିକଟରେ ବନ୍ଧ ପାର୍ଶ୍ୱରୁ ମାଟି ତାଡ଼ି ରାସ୍ତା କାମ କରାଯାଉଛି। ବିଭାଗୀୟ ଅଧିକାରୀଙ୍କ କିପରି ନଜରକୁ ଆସିଲା ନାହିଁ। ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଚଳିତ ବନ୍ୟାରେ ଉକ୍ତ ସ୍ଥାନ ଲୁଚାଇବାକୁ ଯାଇ ବାଲି ଓ ଡଷ୍ଟ ବସ୍ତା ପକାଇ କାମ ସାରି ଦେଇଛନ୍ତି। ସ୍ଥାନୀୟ ଲୋକମାନେ କହିବ କଥା ଲୁଣା ନଦୀର ଘେରି ବନ୍ଧ ଭାଗ୍ୟ ଏଣେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ହାତରେ ବୋଲି ଚର୍ଚ୍ଚ ହେଉଛି। ତାଳି ପକା କାମ ଘେରି ବନ୍ଧକୁ ସୁରକ୍ଷା ଦେଇ ପାରିବ ବୋଲି ଅଞ୍ଚଳର ଚାଷୀମାନେ କହିଛନ୍ତି।

ଏ ସମ୍ପର୍କରେ ଆଳି ସ୍ଥିତ ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ କୁମାର ଦାଶଙ୍କୁ ପଚାରିବାରେ ଗୋପାଳପୁର-ଆଖଡ଼ାଶାଳୀ ନଦୀବନ୍ଧ ପାର୍ଶ୍ୱରୁ ମାଟି ତାଡ଼ି ରାସ୍ତାରେ ବିଛାଇବା ଅଭିଯୋଗ ମିଳିଛି। ବନ୍ୟା ମୁକାବିଲା ପାଇଁ ବିଭାଗ ସମ୍ପୂର୍ଣ୍ଣ ତତ୍ପର ରହିଛି। ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଚଳିତ ମହାନଦୀର ବନ୍ୟା ସ୍ରୋତରେ ଗଡ଼ରୋମିତ ଗାଁର ମତ୍ସ୍ୟଜିବୀ ସୁରଥ ମାଝି ଗୁରୁବାର ସନ୍ଧ୍ୟାରେ ମହାନଦୀରେ ମାଛ ମାରିବାକୁ ଯାଇଥିବା ବେଳେ ବନ୍ୟାର ପ୍ରଖର ସ୍ରୋତରେ ଡଙ୍ଗା ସହ ଭାସି ଯାଇଥିଲେ। ଶୁକ୍ରବାର ସକାଳେ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ଓଡ୍ରାଫ୍ ଟିମ୍‌ଙ୍କ ମହାକାଳପଡ଼ା ଅଗ୍ନିଶମ ବିଭାଗ ଟିମ ଦୀର୍ଘ ୧୦ ଘଣ୍ଟା ପରିଶ୍ରମ ପରେ ମହାନଦୀ ମୁହାଣ ମୁହଁରୁ ଉଦ୍ଧାର ହୋଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ୨ ପିକ୍‌ଅପ୍ ଭ୍ୟାନ୍‌ରୁ ଶାଗୁଆନ ପଟା ଜବତ

ହିଞ୍ଜିଳିକାଟୁ,୪।୮(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ବ୍ଲକ କଣ୍ଟେଇକୋଳି ଗ୍ରାମ ନିକଟରୁ ଭିଜିଲାନ୍ସ ଟିମ ଶୁକ୍ରବାର ଚଢାଉ କରି ୨ଟି ପିକ୍‌ଅପ ଭ୍ୟାନରୁ ୧୫୫ ଖଣ୍ଡ ଶାଗୁଆନ ପଟା ଜବତ କରିଛି। ଜବତ ପଟାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ବ୍ରହ୍ମପୁର ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ ଗଣେଶ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ସକାଳେ ଭିଜିଲାନ୍ସ ଓ ବନ ବିଭାଗ ଟିମ ମିଳିତ ଭାବେ ଚଢାଉ କରିଥିଲେ। ୨ ଗାଡିର ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡିଛି। ଚଢ଼ାଉରେ ବ୍ରହ୍ମପୁର ଭିଜିଲାନ୍ସକୁ ଡେପୁଟେଶନରେ ଯାଇଥିବା ବନପାଳ ଏନ ବାଲାଜୀ ରେଡ୍ଡୀ, ଫରେଷ୍ଟଗାର୍ଡ ଉମା ଚରଣ ପାତ୍ର, ବିନାୟକ ରଞ୍ଜନ କର, ମୋବାଇଲ ଟିମ ଫରେଷ୍ଟ ଗାର୍ଡ ଶାନ୍ତି ବେହେରା ସାମିଲ ଥିଲେ ।

### ନୂତନ ଡିଆର୍‌ଏମ୍‌ଙ୍କୁ ଭେଟିଲେ ପାରଳା ବିଧାୟକ

ପାରଳାଖେମୁଣ୍ଡି,୪।୮(ଗିରିଧାରୀ ପରିଛା): ଗଜପତି ଜିଲା ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଶୁକ୍ରବାର ବିଶାଖାପାଟଣାସ୍ଥିତ ୱାଲଟେୟାର ରେଳ ଡିଭିଜନରେ ନୂତନ ଡିଆରଏମଙ୍କୁ ଭେଟିଛନ୍ତି। ତାଙ୍କ ସହିତ ଦୁଇ ଭାଜପା ନେତା ମଧ୍ୟ ଭେଟି ସମ୍ବର୍ଦ୍ଧନା ଦେବା ସହ ବିଭିନ୍ନ ବିଷୟ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ପାରଳାଖେମୁଣ୍ଡି ପ୍ଲାଟଫର୍ମର ଦ୍ରୁତ କାର୍ଯ୍ୟ ପ୍ରକ୍ରିୟା, ପାରଳାଖେମୁଣ୍ଡି ରେଳ ଷ୍ଟେଶନର ନବୀକରଣ ଏବଂ ଗୁଣୁପୁରରେ ଚାଲିଥିବା କାର୍ଯ୍ୟ ଉପରେ ଯାଞ୍ଚ କରିବା ଆଦି ବିଷୟରେ ଆଲୋଚନା କରିଛନ୍ତି। ୧୦ ଦିନ ମଧ୍ୟରେ ସେ ନିଶ୍ଚୟ ପାରାଲାଖେମୁଣ୍ଡି ଏବଂ ଗୁଣୁପୁର ରେଳ ଷ୍ଟେଶନ ପରିଦର୍ଶନ କରିବେ ବୋଲି ଡିଆରଏମ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### ଛତୁ ଚାଷ ତାଲିମ ଉଦ୍‌ଯାପିତ

ପପାରଳାଖେମୁଣ୍ଡି, ୪।୮ (ଗିରିଧାରୀ ପରିଛା) ଗଜପତି ଜିଲା ପାରଳାଖେମୁଣ୍ଡି ସଦର ମହକୁମାସ୍ଥିତ ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ଉପକାରାଗାର ଅନ୍ତେବାସୀମାନଙ୍କୁ ଛତୁ ଚାଷ ତାଲିମ ପ୍ରଦାନ କରାଯାଇଛି। ୬ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଜେଲରେ ଥିବା ୨୮ଜଣ ପୁରୁଷ ଅନ୍ତେବାସୀଙ୍କୁ ତାଲିମ ଦିଆଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ହନୁ ସେଠୀ ଅଧୀକ୍ଷକ ଉପକାରାଗାର, ପାରଳାଖେମୁଣ୍ଡିର ଉପସ୍ଥିତ ଥିଲେ। ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକ ସାଇମୋନ ଡୁଙ୍ଗଡୁଙ୍ଗ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ପାଠ୍ୟ ସଂଯୋଜକ ଦିଲ୍ଲୀପ କୁମାର ତନ୍ତି ଏବଂ ଛତୁ ଚାଷ ପ୍ରଶିକ୍ଷକ ଲିଙ୍ଗରାଜ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ପ୍ରାଧାପକ ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀକୃଷ୍ଣ ଯୁବକ ସଂଘ ପକ୍ଷରୁ ରାସ୍ତା ମରାମତି

ଖଜୁରୀପଡ଼ା,୪।୮(ବିଦୁର ବେହେରା): କନ୍ଧମାଳ ଜିଲା ଅନ୍ତର୍ଗତ ଖଜୁରୀପଡ଼ା ବ୍ଲକ ଦୁତିମେଣ୍ଡି ଗ୍ରାମପଞ୍ଚାୟତର ପ୍ରେମଝରୀ ଗ୍ରାମ ରାସ୍ତାରେ ୩ଫୁଟ ଗଭୀର ଗାତ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇ ଜନସାଧାରଣଙ୍କ ଯାତାୟତରେ ବାଧାପ୍ରାପ୍ତ ହେଉଥିବା ଯୋଗୁଁ ଶ୍ରୀକୃଷ୍ଣ ଯୁବକ ସଂଘ ତରଫରୁ ରାସ୍ତାର ମରାମତି କାର୍ଯ୍ୟ କରାଯାଇଥିଲା। ଉକ୍ତ ମରାମତି କାର୍ଯ୍ୟରେ ଯୁବକ ସଂଘ ତରଫରୁ ଶଙ୍କର ମଲ୍ଲିକ, ସଭାପତି ଆଲୋକ ମଲ୍ଲିକ, ଶ୍ରୀକାନ୍ତ ମଲ୍ଲିକ, ଆଦିତ୍ୟ ମଲ୍ଲିକ, ଅଜିତ ମଲ୍ଲିକ, ଚୈତନ୍ୟ ମଲ୍ଲିକ ମରାମତି କାର୍ଯ୍ୟରେ ସହଯୋଗର ହାତ ବଢ଼େଇଥିଲେ। ଏହି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ନବବଧୂଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ



ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

ଗଞ୍ଜାମ, ୪।୮(ବିଦ୍ୟାଧର ସାହୁ): ପାଦରୁ ଅଳତା ଲିଭି ନ ଥିବା ବେଳେ ଜୁଇରେ ଜଳିଲେ ନବବଧୂ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବା ମିଳିଛି ରମ୍ଭା ଥାନା ହୁମା ଫାଣ୍ଡି ଅନ୍ତର୍ଗତ ପୋଡ଼ାଗଡ଼ ଗ୍ରାମରେ। ତିନିମାସ ତଳେ ବିବାହ କରିଥିବା ନବବଧୂ ଜଣଙ୍କ ବିଷ ପିଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ଯୌତୁକ ନିର୍ଯାତନା ଦେଇ ତାଙ୍କୁ ଶାଶୁଘର ଲୋକେ ମାରିଦେଇଛନ୍ତି ବୋଲି ଝିଅର ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ବାପଘର ଲୋକେ ହୁମା ଫାଣ୍ଡିରେ ଏତଲା ଦେଇଛନ୍ତି। ପୋଲିସ କେଶ ନଂ ୫୬୭/୨୩ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ହୁମା ଫାଣ୍ଡି ଅଧିକାରୀ ଦେବଦତ୍ତ ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସାତୁଳୀ ଗ୍ରାମର ବନମାଳୀ ବାରିକିଙ୍କ ଝିଅ ଜ୍ୟୋତି ପୋଡ଼ାଗଡ଼ର ପବନା ପ୍ରଧାନଙ୍କ ପୁଅ ପିଣ୍ଟୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକେ କୁଆଡେ ତାଙ୍କୁ ଅଧିକ ଯୌତୁକ ଦାବିକରି ନିର୍ଯାତନା ଦେଉଥିଲେ। ଫଳରେ ବିବାହର ୧୦ଦିନ ପରେ ବାପଘରକୁ ଯାଇ ଝିଅ ଆଉ ଫେରି ନଥିଲେ। ବୁଝାଶୁଝା ପରେ ଗତ ଦୁଇ ଦିନ ତଳେ ସେ ନିଜ ଶାଶୁଘରକୁ ଆସିଥିଲେ। ପୁଣି ନିର୍ଯାତନା ଦେବାରୁ ନବବଧୂ ଜଣଙ୍କ ଆତ୍ମହତ୍ୟା କରିଥିବା ଝିଅର ପରିବାର ଲୋକେ ଅଭିଯୋଗ କରିଛନ୍ତି । ନବବଧୁ ଜଣକ ଚାଉଳ ପୋକମରା ଔଷଧ ଖାଇଦେଇଥିଲେ। ଏହା ଦେଖି ତାଙ୍କୁ ପ୍ରଥମେ ହୁମାର ଏକ ଘରୋଇ କ୍ଲିନିକକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ବ୍ରହ୍ମପୁର ବଡ଼ମେଡିକାଲ ନେବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମର ଜଣେ ବ୍ୟକ୍ତି କହିଛନ୍ତି । ହୁମା ଫାଣ୍ଡି ଏସ୍‌ଆଇ ଦେବଦତ୍ତ ପ୍ରିୟଦର୍ଶୀ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି। ସାଇଣ୍ଟିଫିକ ଟିମ ମଧ୍ୟ ପହଞ୍ଚି ଘଟଣା ଛାନଭିନ ଆରମ୍ଭ କରିଛି । ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ , ରମ୍ଭା ଥାନା ଓ ହୁମା ଫାଣ୍ଡି ପୋଲିସର ଉପସ୍ଥିତରେ ସମସ୍ତ ଯୌତୁକ ସାମଗ୍ରୀ ଫେରସ୍ତ କରାଯାଇଛି। ଅନ୍ୟପଟେ ଏହି ଘଟଣା ଶୁଣି ସ୍ୱାମୀ ପିଣ୍ଟୁ ବିଶାଖାପାଟଣାରୁ ଘରକୁ ଶୁକ୍ରବାର ଫେରିଥିବା ଜଣାପଡ଼ିଛି।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର



ଜନଶୁଣାଣି ଶିବିରରେ ଅଧିକାରୀମାନେ।

ଶେରଗଡ଼, ୪।୮(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ନୋଡାଲ ଅଧିକାରୀ ଭାବେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଲୋକନାଥ ଦଳବେହେରା, ଜିଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ନାଥ ମଲାଣ ଯୋଗଦେଇ ଅଧିକାରୀମାନଙ୍କ ସହଭାଗିତା, କାର୍ଯ୍ୟକ୍ରମ ପ୍ରତି ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ ବୋଲି କହିଥିଲେ। ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ବିଷ୍ଣୁ ପ୍ରସାଦ ପଣ୍ଡା, ଜିପିଓ ଜି. ରବିକୁମାର ପୂର୍ବ ବିବରଣୀ ପାଠ କରିଥିଲ। ନିବାହୀ ଯନ୍ତ୍ରୀ କେଦାର ପ୍ରସାଦ ପଣ୍ଡା ୨୨ ପଞ୍ଚାୟତରେ ଏମଜିଏନଆରଇଏଜଏସ କାର୍ଯ୍ୟ କେତେ ହୋଇଛି ତା’ ଉପରେ କହିଥିଲେ। ବିଡିଓ ଶିବାଶିଷ ବରାଳଙ୍କ ସଂଯୋଜନା କରିଥିଲେ। ମୋଟ ୫୦୮ଟି ପ୍ରକଳ୍ପ ହାତକୁ ନିଆଯାଇ ଥିବା ବେଳେ ୧୦୧ ପ୍ରକଳ୍ପ ସରିଛି। ମୋଟ ୩୪୬୩ ଜଣ ୧୦୦ ଦିନ ପୂରା କରିଛନ୍ତି। ସେହିପରି ପଞ୍ଚଦଶ ଅର୍ଥ କମିଶନ ଅର୍ଥ ମୋଟ ୮ଟି ଗ୍ରାମ ପଞ୍ଚାୟତକୁ ସାମିଲ କରାଯାଇଥିଲା। ଉକ୍ତ ପଞ୍ଚାୟତଗୁଡିକ ମଧ୍ୟରେ ଡେଙ୍ଗାପଦର, ଧନନ୍ତର, ଧବଳପୁର, କୁଲାଗଡ, କୁମାରପାଣି, ପିଉଳ, ଶେରଗଡ, ତହଁରରେ ଏହି ଅର୍ଥ ଖର୍ଚ୍ଚ କରାଯାଇଛି। ୨୦୨୧-୨୨ରେ ୧କୋଟି ୪୫ଲକ୍ଷ ୪୬୮ ଟଙ୍କା ଖର୍ଚ୍ଚ କରିଛନ୍ତି। ୨୦୨୨-୨୩ରେ ମୋଟ ୧କୋଟି ୮୬୦୯୮ଟଙ୍କା ଆସିଥିବା ବେଳେ ମାତ୍ର ୯୩ ଲକ୍ଷ ୭୧ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଯେପରି ଆଗାମୀ ବର୍ଷ ଶେରଗଡ ବ୍ଲକ ପୁରସ୍କୃତ ହେବ ସେ ଦିଗରେ ଅଧିକ କାର୍ଯ୍ୟ ଦିବସ ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଛି। ଉକ୍ତ ଶିବିରରେ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ହୀନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ଦାଶ, ନିର୍ବାଚିତ ପ୍ରତିନିଧି, ଜବକାର୍ଡ ଧାରୀ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା
# ସବ୍‌ଜଜ କୋର୍ଟ ପ୍ରତିଷ୍ଠା ଦାବି ତ୍ୱରାନ୍ୱିତ ନିଷ୍ପତ୍ତି

ଦିଗପହଣ୍ଡି,୪।୮(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଲକ୍ଷ୍ମୀ ନାରାୟଣ ପାଢୀ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ କୁରେଶୁ ପଣ୍ଡା ସଂଘର ଆୟ ବ୍ୟୟ ଉପସ୍ଥାପନ କରିଥିଲେ। ଦିଗପହଣ୍ଡିରେ ସବ୍‌ଜଜ୍ କୋର୍ଟ ଖୋଲିବା, ଦିଗପହଣ୍ଡି, ସାନଖେମୁଣ୍ଡି, ଶେରଗଡ, ଚିକିଟି ଓ ପାତ୍ରପୁର ବ୍ଲକକୁ ନେଇ ଦିଗପହଣ୍ଡି ଠାରେ ସବ୍ ଡିଭିଜନ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବା ଏବଂ ସଂଘକୁ ଅଧିକ ବଳିଷ୍ଠ ତଥା ଏହାର ବିକାଶ ଦିଗରେ ବ୍ୟାପକ ଆଲୋଚନା କରାଯିବା ପରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସେହିଭଳି ଚଳିତ ବର୍ଷ ସ୍ୱାଧୀନତା ଦିବସ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ କରାଯିବା ସହ ଓକିଲ ସଂଘ ପକ୍ଷରୁ ‘ଘରୋଇ ହିଂସାରେ ମହିଳାଙ୍କୁ ସୁରକ୍ଷା ଆଇନ’ ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ଆଇନଜୀବୀ ପ୍ରଭାକର ରାଉତ, ରସାନନ୍ଦ ରାଉତ, ଏ. ସୋମେଶ୍ୱର ରାଓ, ସାନଖେମୁଣ୍ଡି ଓକିଲ ସଂଘ ସଭାପତି ଚନ୍ଦ୍ରଧ୍ୱଜ ସିଂହ, ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ରବିନ୍ଦ୍ର ନାଥ ପାଣିଗ୍ରାହୀ, ରତ୍ନାକର ମେକାପ, ପରେଶ ଚନ୍ଦ୍ର ରଥ, ଅଶେଷ ନାଥ ମିଶ୍ର, ହରପ୍ରସାଦ ରଥ, ମନୋରଞ୍ଜନ ପଣ୍ଡା, ସତ୍ୟ ନାରାୟଣ ରଥ, ହେମନ୍ତ କୁମାର ପାଣିଗ୍ରାହୀ, ମନୋଜ କୁମାର ମହାପାତ୍ର, ସହସମ୍ପାଦକ ରାଜେନ୍ଦ୍ର କୁମାର ତ୍ରିପାଠୀ, କୋଷାଧ୍ୟକ୍ଷ ସିମାଞ୍ଚଳ ପ୍ରଧାନ, ପ୍ରହ୍ଲାଦ ପ୍ରଧାନ, କିଶୋର ଗୌଡ, ସଞ୍ଜୟ କୁମାର ପଣ୍ଡା, ଟୁକୁନା ପ୍ରଧାନ, ପ୍ରଶାନ୍ତ ଡାକୁଆ, ପ୍ରଦୀପ କୁମାର ନାୟକ, ରବିନ୍ଦ୍ର ବେହେରାଙ୍କ ସମେତ ବହୁ ଆଇନଜୀବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଆଇନଜୀବୀ ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ତର ମଲ୍ଲିକଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ସହାୟତା



ପାରଳାଖେମୁଣ୍ଡି, ୪।୮ (ଗିରିଧାରୀ ପରିଛା): ଗଜପତି ଜିଲା ପ୍ରଶାସନ ତରଫରୁ ତର ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରୁ ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମୋହନା ବ୍ଲକ ବଡଖାନି ଗ୍ରାମର ଲକ୍ଷ୍ମଣ ମଲ୍ଲିକଙ୍କ ଝିଅ ସୁଶ୍ରୀ ତର। ଘରେ ୩ ଭଉଣୀ ଓ ୨ ଭାଇ ଅଛନ୍ତି। ବାପା ଜଣେ ଗରିବ କୃଷକ। ଏଣୁ ନିଜ ପିଲାମାନଙ୍କୁ ଉଚ୍ଚଶିକ୍ଷା ପଢାଇବାକୁଅସମର୍ଥ। ତର ପଢ଼ାପଢ଼ି କରିବା ସହ ବାପାଙ୍କୁ କୃଷି କାର୍ଯ୍ୟରେ ହଳ କରିବା, ବୁଣିବାରେ ସାହାଯ୍ୟ କରନ୍ତି। ସ୍ଥାନୀୟ ହିଲଟପ ଡିଗ୍ରୀ ମହାବିଦ୍ୟାଳୟରେ +୩ ଦ୍ୱିତୀୟ ବର୍ଷ ଇତିହାସ ବିଷୟରେ ଅଧ୍ୟୟନ କରନ୍ତି । ସନ୍ଧ୍ୟାରେ ମା’ଙ୍କୁ ଘର କାମରେ ସାହାଯ୍ୟ କରନ୍ତି। ଭବିଷ୍ୟତରେ ଭଲ ପାଠ ପଢି ଇତିହାସ ଅଧାପକ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଉଚ୍ଚଶିକ୍ଷା ପାଇଁ ଅନ୍ୟାନ୍ୟ ଆନୁସଙ୍ଗିକ ବହିପତ୍ର କିଣିବା, କୋଚିଂ ନେବା ପାଇଁ ପୋଷ୍ଟ ମାଟ୍ରିକ ସ୍କଲାରସିପ ରାଶିରୁ ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ ଜିଲା ମଙ୍ଗଳ ଅଧିକାରୀ ମମତାରାଣୀ ପାଢ଼ୀ ଓ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମିତିସଭ୍ୟ ସଂଘର ଦାବିପତ୍ର ପ୍ରଦାନ

ଫିରିଙ୍ଗିଆ,୪।୮(ବିକ୍ରମ ଦିଗାଲ)



କନ୍ଧମାଳ ଜିଲା ସମିତିସଭ୍ୟାସଭ୍ୟ ସଂଘର ନିର୍ଦ୍ଦେଶକ୍ରମେ ଶୁକ୍ରବାର ଫିରିଙ୍ଗିଆ ସମିତି ସଭ୍ୟାସଭ୍ୟ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତିରେ ବ୍ଲକର ହିସାବ ରକ୍ଷକ ଅନୁଗ୍ରହ ସଚିନ ଜାଟେଙ୍କୁ ପ୍ରଦାନ କରାଯାଇଛି । ଫିରିଙ୍ଗିଆ ସଂଘ ସଭାପତି ପଞ୍ଚାନନ ଡିଗାଲଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ବେଳେ ସମ୍ପାଦକ ମୌସୁମୀ ପ୍ରଧାନ, ସହ ସମ୍ପାଦକ ବୈରାଗୀ କହଁର, ଉପସଭାପତି ମାନସୀ କହଁର, କୋଷାଧ୍ୟକ୍ଷ ଲୋଚନ କହଁର, କାର୍ଯ୍ୟକାରିଣୀ ସଦସ୍ୟ ଲାଲନନ୍ଦ ପ୍ରଧାନ, ମିନା କୁମାରୀ ବେହେରା, ଡ଼ିଲିପ କୁମାର ଡିଗାଲଙ୍କ ସହ ସମସ୍ତ ସମିତିସଭ୍ୟା ସଭ୍ୟା ଉପସ୍ଥିତ ଥିଲେ । ଦାବି ମଧ୍ୟରେ ସରପଞ୍ଚଙ୍କୁ କ୍ଷମତା ପ୍ରଦାନ ଓ ଉନ୍ନୟନ ମୂଳକ କାର୍ଯ୍ୟ ହେଉଛି ତାର ଚିଠିର ନକଲ ସମିତି ସଭ୍ୟଙ୍କୁ ପ୍ରଦାନ କରିବା, ଅନାସ୍ଥା ପ୍ରସ୍ତାବ ଆଇନରେ ସରପଞ୍ଚ ବିଧାୟକ ଓ ଏମ୍‌ପିଙ୍କୁ ବରଖାସ୍ତ କରି ସମିତି ସଭ୍ୟାସଭ୍ୟମାନଙ୍କୁ ରଖିବା ଓ ସମିତି ସଭ୍ୟ ସଭ୍ୟା ମାନଙ୍କ ମାସିକ ବେତନ ୧୫ ହଜାରକୁ ବୃଦ୍ଧି କରିବା ଆଦି ଉଲ୍ଲେଖ ରହିଛି ।

# ନଦୀ ପାରହୋଇ ସମସ୍ୟା ବୁଝିଲେ ଏବିଇଓ

ମୋହନା,୪।୮(ମନ୍ମଥ ମିଶ୍ର)

ଦୁର୍ଗମ ଅଞ୍ଚଳ ଗରଡମା ପଞ୍ଚାୟତ ରାଜଖମା ଗାଁକୁ ଯିବାପାଇଁ ହେଲେ ବାଟରେ ପଡୁଛି ଗଦାପୁର୍ ନଦୀ। ଏହି ନଦୀରେ ବନ୍ୟା ଜଳ ବୃଦ୍ଧି ପାଇଛି। ଆଉ ଯାତାୟତରେ ବାଧା ସୃଷ୍ଟି ହେଉଛି। ଗାଁରେ ଥିବା ବିଦ୍ୟାଳୟ ଦୀର୍ଘଦିନ ବନ୍ଦ୍ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମୋହନା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରୁ ଅତିରିକ୍ତ ଶିକ୍ଷା ଅଧିକାରୀ କୁନା ପାତ୍ର ଜୀବନକୁ ବାଜି ଲଗାଇ ଭରା ନଦୀରେ ବିଦ୍ୟୁତ ତାର ଧରି ପାର ହୋଇ ରାଜଖମା ଗାଁ ବିଦ୍ୟାଳୟକୁ ଯାଇ ସମସ୍ୟା ବୁଝି ପିଲାଙ୍କୁ ପାଠ ପଢ଼ାଇଥିଲେ। ମଧ୍ୟାହ୍ନ ଭୋଜନ ପିଲା ଖାଇବା ପରେ ପୁଣି ନଦୀ ପାରହୋଇ ମୋହନା ଫେରିଥିଲେ। ଅଞ୍ଚଳରେ କୌଣସି ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀଙ୍କ ପାଦ ପଡ଼ିନଥିବା ବେଳେ ଶିକ୍ଷା ବିଭାଗର ଜଣେ ଅଧିକାରୀ ଭରା ନଦୀ ପାରହୋଇ ନିଜ କାର୍ଯ୍ୟ ସମ୍ପାଦନା କରିଥିବାରୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

# ମୋହନାରେ ନିଯୁକ୍ତ ହେଲେ ସ୍ଥାୟୀ ବିଇଓ



ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ମୋହନା,୪।୮(ମନ୍ମଥ ମିଶ୍ର): ଦୀର୍ଘ ଦିନର ବ୍ୟବଧାନ ପରେ ମୋହନା ଗୋଷ୍ଠୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ସ୍ଥାୟୀ ଗୋଷ୍ଠୀ ଶିକ୍ଷାଅଧିକାରୀ ନିଯୁକ୍ତି ହୋଇଛନ୍ତି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ କନିଆରି କଳିଙ୍ଗ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ବେହେରା ପଦୋନ୍ନତି ପାଇ ବ୍ଲକ ଶିକ୍ଷାଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦୀର୍ଘ ଦୁଇ ମାସ ଧରି ମୋହନାରେ ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ ଖାଲି ପଡ଼ିଥିବା ବଳେ ଅତିରିକ୍ତ ଭାବେ ଆର. ଉଦୟଗିରି ବିଇଓ ମୋହନା ଦାୟିତ୍ୱ ସମ୍ଭାଳୁଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀ ମାନେ ପୁଷ୍ପଗୁଚ୍ଛ ଏବଂ ଉପଢ଼ୌକନ ଦେଇ ନୂତନ ବିଇଓଙ୍କୁ ସ୍ୱାଗତ ଜଣାଇଥିଲେ।

# ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱଗ୍ରହଣ



ଗଞ୍ଜାମ,୪।୮(ବିଦ୍ୟାଧର ସାହୁ)-ଗଞ୍ଜାମ ସହର ଠାରେ ଥିବା ବହୁପୁରାତନ ଭାରତୀ ବିଦ୍ୟାପୀଠରେ ପ୍ରାୟ ଦୀର୍ଘ ୧୩ ବର୍ଷ ପରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ହୋଇଥିବା ଜଣାପଡିଛି। ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ନମ୍ବର ୧୮୪୦୯ ପ୍ରକାରେ ଅଭିମନ୍ୟୁ ଜେନାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଶୁକ୍ରବାର ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବରିଷ୍ଠ କିରାଣୀ ହରିହର ବାରିକ, କ୍ରୀଡା ଶିକ୍ଷକ ପ୍ରୀତି ରଞ୍ଜନ ପ୍ରଧାନ, ସୁନିତା ମହାନ୍ତୁଡ, ରଶ୍ମିତା ସିଂ, ସ୍ନେହଲତା ସେଠୀ, ସୁନୀଲ ବେହେରା, ରାଜେଶ ଦୀକ୍ଷିତ ପ୍ରମୁଖ ନୂତନ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ଖାଲଖମାରେ ଭର୍ତ୍ତି ଫାଶି-କୋଦଳା ରାସ୍ତା

କୋଦଳା,୪।୮(ଅମିତ କୁମାର ପଟ୍ଟନାୟକ)



କୋଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଫାଶୀ-କୋଦଳା ରାସ୍ତା ମରଣଯନ୍ତା ପାଲଟିଛି। ପ୍ରାୟ ଦୁଇ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ସାରା ଖାଲଖମା ହୋଇଥିବା ବେଳେ ଯାତାୟାତରେ ବହୁ ଅସୁବିଧା ହେଉଛି। ପ୍ରତି ଦିନ ଛୋଟଛୋଟ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ବର୍ଷାରେ ପାଣି ଜମିରହିଥିବାରୁ ରାସ୍ତା ଜଣା ପଡୁନାହିଁ। କୋଦଳା ସହର ଉପରେ ନିର୍ଭର କରି ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉକ୍ତ ରାସ୍ତା ବ୍ୟବହାର କରୁଛନ୍ତି। ଦୀର୍ଘ ଦିନ ହେଲା ରାସ୍ତାର ଅବସ୍ଥା ଶୋଚନୀୟ ଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ଯାତାୟାତ ଅସୁବିଧା ହେଉଛି। ଏଣୁ ତୁରନ୍ତ ମରାମତି ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

# ଫାଇଲେରିଆ ନିରାକରଣ ଅଭିଯାନରେ ଆରତି ଦେବୀ



ପୋଲସରା, ୪।୮(ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା କାହ୍ନୁଚରଣ ହାଇସ୍କୁଲଠାରେ ଆୟୋଜିତ ଫାଇଲେରିଆ ନିରାକରଣ ଅଭିଯାନରେ ନାରୀ ନେତ୍ରୀ ଆରତି ଦେବୀ ଯୋଗଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ସହିତ ମଥୁରା କାହ୍ନୁଚରଣ ହାଇସ୍କୁଲର ପ୍ରଧାନଶିକ୍ଷକ ରାମକୃଷ୍ଣ ବେହେରାଙ୍କ ସମେତ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ସାମିଲ ହୋଇଥିଲେ। ନାରୀନେତ୍ରୀ ଆରତୀ ଦେବୀ ଫାଇଲେରିଆରେ ସାରା ବିଶ୍ୱରେ ୧୦ କୋଟିରୁ ଊର୍ଦ୍ଧ୍ୱ ରୋଗୀ ଥିବା ବେଳେ ଭାରତରେ ୪୦ ନିୟୁତ ରହିଥିବା ବିଶ୍ୱ ସ୍ୱାସ୍ଥ୍ୟ ସର୍ବେକ୍ଷଣରୁ ଜଣାପଡ଼ିଛି। ଆମ ଓଡିଶାର ସମୁଦ୍ର ଉପକୂଳ ଅଞ୍ଚଳ ସମେତ ପଶ୍ଚିମ ଓଡିଶାରେ ଏହାର ପ୍ରାଦୁର୍ଭାବ ବଢ଼ିଚାଲିଛି । ଓଡିଶାର ୨୦ଟି ଫାଇଲେରିଆ ପ୍ରବଣ ଜିଲାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଡିଇସି ବଟିକା ଖାଇବାକୁ ଦିଆଯାଇଥାଏ। ସମସ୍ତେ ପ୍ରତି ଦୁଇ ତିନି ମାସରେ ରକ୍ତ ପରୀକ୍ଷା କରି ନେବାକୁ ପରାମର୍ଶ ଦେଇଥିଲେ। ଏହିସବୁ ପନ୍ଥା ଅନୁସରଣ କଲେ ଫାଇଲେରିଆ ନିୟନ୍ତ୍ରଣ ହୋଇପାରିବ ବୋଲି କହିଥିଲେ।

## ଇଁମ୍ମା ପକ୍ଷରୁ ସ୍ତନ୍ୟପାନ ଦିବସ ପାଳିତ

କାଳିଆପାଣି,୪।୮ (ଅସିତ ମହାନ୍ତ)

କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟରତ ଇମ୍ମା କମ୍ପାନୀର ବିଆଇପିଏଫ୍ ପକ୍ଷରୁ ଶୁକ୍ରବାର କଅଁସ ପଞ୍ଚାୟତ ସାରୁଆବିଲ ଗ୍ରାମର କମ୍ୟୁନିଟି ସେଣ୍ଟରଠାରେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଡିପିଏମ୍ ବନବିହାରୀ ମିଶ୍ର, ଡିପିଏଚ୍ଇଓ ସ୍ମୃତିଲତା ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବସ ପାଳନର ଉଦ୍ଦେଶ୍ୟ ଓ ଉପାଦେୟତା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ କଅଁସ ସରପଞ୍ଚ ରାଜାରାଣୀ ଦେହୁରି, ସମିତିସଭ୍ୟା ନିତିମା ମୁଣ୍ଡା, ଇମ୍ମାର ପ୍ରଶାସନିକ ବିଭାଗ ଉପଭୋକ୍ତା ମହାପ୍ରବନ୍ଧକ ଜ୍ୟୋତିରାଜ ଜଗଦାନନ୍ଦ ନାୟକ, ବିଆଇପିଏଫର ମହାପ୍ରବନ୍ଧକ ନିଳେନ୍ଦୁ ଚାଟାର୍ଜୀ ପ୍ରମୁଖ ଯୋଗଦେଇ ସ୍ତନ୍ୟପାନ ଉଭୟ ଶିଶୁ ଓ ମା'ଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଆବଶ୍ୟକତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ ଯୋଗଦେଇଥିଲେ। ବିଶ୍ୱ ସ୍ତନ୍ୟପାନ ଦିବସ ପାଳନ ଉପରେ ଏକ ଜଣାଅଜଣା କାର୍ଯ୍ୟକ୍ରମ କରାଯାଇଥିଲା। ପରେ କୃତୀ ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। କମ୍ପାନୀର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମିଳନ ରଞ୍ଜନ କର, ବିଆଇପିଏଫର କାର୍ଯ୍ୟକ୍ରମ ଅଧିକାରୀ ପ୍ରିୟବ୍ରତ ପରିଡ଼ା ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନନ୍ଦିନୀ ଦେବୀଙ୍କ ଶ୍ରାଦ୍ଧୋତ୍ସବ



ନନ୍ଦିନୀ ଦେବୀଙ୍କ ଶ୍ରାଦ୍ଧ ଉତ୍ସବରେ ଯୋଗ ଦେଇଥିବା ନନ୍ଦିନୀ ଦେବୀ ସ୍ମୃତି ସଂସଦ କର୍ମକର୍ତ୍ତା ଓ ଅନ୍ୟମାନେ।

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୪।୮ (ପ୍ରଦୀପ୍ତ କୁମାର ପୃଷ୍ଟି/ ଗିରିଜା ପ୍ରସାଦ ସାହୁ)

ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସାରସ୍ୱତ ସାହିତ୍ୟ ସାଧିକା ନନ୍ଦିନୀ ଶତପଥୀଙ୍କ ସପ୍ତଦଶ ଶ୍ରାଦ୍ଧୋତ୍ସବ ଓ ଓଡ଼ିଆ ସାମ୍ବାଦିକତା ଦିବସ ଶୁକ୍ରବାର ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଧୀନ ବାଲିଚନ୍ଦ୍ରପୁର ପ୍ରେସ୍ କ୍ଲବ ପରିସରରେ ପାଳିତ ହୋଇଯାଇଛି। ନନ୍ଦିନୀ ଦେବୀ ସ୍ମୃତି ସଂସଦ ସଭାପତି ତଥା ସାମ୍ବାଦିକ ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନନ୍ଦିନୀ ଦେବୀ ଜଣେ ସାହସୀ ମହିଳା ଥିଲେ। ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଭୁସଂସ୍କାର ଭଳି ଯୁଗାନ୍ତକାରୀ ଆଇନ ପ୍ରଚଳନ କରି ସାରା ଓଡ଼ିଶାବାସୀଙ୍କ ପ୍ରିୟଭାଜନ ହୋଇପାରିଥିଲେ। ସେହିଭଳି ସାହିତ୍ୟ ସାଧନା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ଥିଲା ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ ଯୋଗଦେଇ କହିଥିଲେ, ଆଜି ଯଦି ଶିକ୍ଷକମାନେ ସେମାନଙ୍କ ସମ୍ମାନ ପାଇଛନ୍ତି ତାହା ନନ୍ଦିନୀ ଦେବୀଙ୍କ ଅବଦାନ। ପୂର୍ବରୁ ଶିକ୍ଷକମାନେ ବେସରକାରୀ ଥିଲାବେଳେ ନନ୍ଦିନୀ ଦେବୀ ପ୍ରଥମେ ସେମାନଙ୍କୁ ସମ୍ମାନ ଦେଇ ସରକାରୀ ସ୍ୱୀକୃତି ଦେଇଥିଲେ। ସମ୍ମାନିତ ବକ୍ତାଭାବେ କବି ରୁଦ୍ରପ୍ରସନ୍ନ ସାମଲ ଯୋଗଦେଇ କହିଥିଲେ, ଆଜି ପର୍ଯ୍ୟନ୍ତ କୌଣସି ମହିଳା ନନ୍ଦିନୀ ଦେବୀଙ୍କ ବ୍ୟତୀତ ମୁଖ୍ୟମନ୍ତ୍ରୀ ହୋଇପାରିନାହାନ୍ତି। ନାରୀ ସମାଜ ପାଇଁ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେହିଭଳି ଉତ୍କଳ ଦୀପିକା ଆମ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଭାବେ ଯେଉଁ ଗରିମା ରଖିଛି ତାହାକୁ ଆଜିର ଖବରକାଗଜ ଅନୁପାଳନ କରିବା ଉଚିତ ବୋଲି ସାମଲ ମତବ୍ୟକ୍ତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପ୍ରେସ୍‌କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ସାମଲ, ଉପଦେଷ୍ଟା ଅମରେନ୍ଦ୍ର ସିଂହ, ପ୍ରବାସ କୁମାର ଦାଶ, ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଜ୍ଞାନରଞ୍ଜନ ପୃଷ୍ଟି, ସେକ୍ ଇକବାଲ ହୁସେନ୍, ତୁଷାର ରଞ୍ଜନ ଜେନା ଓ ଅଜୟ କୁମାର ଦାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ମୃତି ସଂସଦ ସମ୍ପାଦକ ତଥା ସାମ୍ବାଦିକ ଏକାଦଶୀ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ କେଶରୀ ସାମଲ ଧନ୍ୟବାଦ ଦେଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲିସା



@ ଗୀତାଞ୍ଜଳି



@ ସତ୍ୟ



@ ସୌମ୍ୟ



@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଟି ପକାଇ ରାସ୍ତା ଅବରୋଧ

ଚଣ୍ଡିଖୋଲ,୪।୮ (ପ୍ରଦୀପ୍ତ କୁମାର ପୃଷ୍ଟି)



ରାସ୍ତାରେ ମାଟି ପଡ଼ିବାରୁ କାଦୁଆ ହୋଇଛି।

**ବରୁହାଁ-ବାଲିଚନ୍ଦ୍ରପୁର ରାସ୍ତା**
- ଯାତାୟାତ ଠପ
- ବିକଳ୍ପ ରାସ୍ତା ପାଇଁ ଦାବି

ଯାଜପୁର ଜିଲା ସଦର ମହକୁମାକୁ ଯାତାୟାତ ପାଇଁ ବରୁହାଁ-ବାଲିଚନ୍ଦ୍ରପୁର ହେଉଛି ମୁଖ୍ୟରାସ୍ତା। ଏହି ରାସ୍ତା ଉପରେ ବଡ଼ଚଣା, ଧର୍ମଶାଳା ଓ ବରୀ ବ୍ଲକର ଜନସାଧରଣ ନିର୍ଭର କରିଥାନ୍ତି। ରାସ୍ତାର ମାଣ୍ଡୁକାଠାରୁ ଗଡ଼ଜିତ ପର୍ଯ୍ୟନ୍ତ ଉନ୍ନତୀକରଣ ନାମରେ ଠିକାଦାର ମାଟି ପକାଇ ରଖିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ହଜାରହଜାର ଲୋକ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁଯାୟୀ, କଟକ ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ଏହି ରାସ୍ତାର ୧୨ କିଲୋମିଟର ରହିଛି। ସେଥିମଧ୍ୟରୁ ମାଣ୍ଡୁକାଠାରୁ ଗଡ଼ଜିତ ପର୍ଯ୍ୟନ୍ତ ୩.୫ କିଲୋମିଟର ରାସ୍ତା ଉନ୍ନତୀକରଣ କାର୍ଯ୍ୟ ପାଇଁ ୮ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହାକୁ କାର୍ଯ୍ୟ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଠିକାଦାରଙ୍କ ସହ ଚୁକ୍ତି କରାଯାଇଛି। ୨୦୨୨ ଡିସେମ୍ବର ୫ ତାରିଖରେ ଏହାର ଶିଳାନ୍ୟାସ ହୋଇଥିଲା। ୧ ବର୍ଷ ମଧ୍ୟରେ ରାସ୍ତା କାର୍ଯ୍ୟ ଶେଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, କୌଣସି ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ କରିବା ସମୟରେ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରାଯାଇ ପାରିବନାହିଁ। ଯଦି ରାସ୍ତା ଅବରୋଧ କରାଯାଏ, ତେବେ ଲୋକଙ୍କ ଯାତାୟାତ ପାଇଁ ବିକଳ୍ପ ରାସ୍ତା ତିଆରି କରିବାକୁ ପଡ଼ିବ। କୌଣସି ମତେ ଜନସାଧାରଣଙ୍କ ଯାତାୟାତକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ପାରିବନାହିଁ। ଏଠାରେ କିନ୍ତୁ କୌଣସି ସରକାରୀ ନିର୍ଦ୍ଦେଶ ନାମାକୁ ପାଳନ ନ କରି ମାଟି ପକାଇ ରାସ୍ତା ଅବରୋଧ କରାଯାଇଛି। ବର୍ଷା ହେବା ପରେ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇଥିବାରୁ ଚାଲି କି ଯିବା ମଧ୍ୟ ସମ୍ଭବ ହେଉନାହିଁ। ଜିଲା ସଦର ମହକୁମାକୁ ଯିବା ପାଇଁ ଲୋକମାନଙ୍କୁ ୬୦ କିଲୋମିଟର ବୁଲି କି ଯିବାକୁ ପଡୁଛି। ସେହିଭଳି ବାଲିଚନ୍ଦ୍ରପୁର ଏକ ପ୍ରମୁଖ ବଜାର ହୋଇଥିବାବେଳେ ଦୈନନ୍ଦିନ ଏଠାକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବାକୁ ଲୋକେ ଆସି ପାରୁନାହାନ୍ତି। ତେଣୁ ତୁରନ୍ତ ବିକଳ୍ପ ରାସ୍ତା ତିଆରି କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପାର୍ଥସାରଥୀ ସିଂହଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ଅବରୋଧ ନ କରିବା ପାଇଁ ଆମ ବିଭାଗ ପକ୍ଷରୁ ଠିକାଦାରଙ୍କୁ ବାରମ୍ବାର କୁହାଯାଇଛି। କିନ୍ତୁ ସେ କୌଣସି ବିକଳ୍ପ ବ୍ୟବସ୍ଥା ନ କରି ମାଟି ପକାଇ ରାସ୍ତା ଅବରୋଧ କରିଛନ୍ତି। ତେଣୁ ଏଦିଗରେ ପଦକ୍ଷେପ ନିଆଯିବ।

## ବଡ଼ଚଣାରେ ଟଙ୍କା, ସୁନା ଚୋରି

ଚଣ୍ଡିଖୋଲ,୪।୮ (ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା ପଞ୍ଚାୟତ ଦେଉଳକୂଳ ଗ୍ରାମରେ ଗୁରୁବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତ ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଚୋରି କରିଥିବା ବଡ଼ଚଣା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଦେଉଳକୂଳ ଗ୍ରାମର ସକୁନ୍ତଳା ସାମଲଙ୍କ ଘରର ଝରକା ଭାଙ୍ଗି ଦୁର୍ବୃତ୍ତ ୧୫୦ ଗ୍ରାମର ସୁନା ଅଳଙ୍କାର ସହ ନଗଦ ୨ ଲକ୍ଷ ୪୫ ହଜାର ଟଙ୍କା ଓ ଏକ ସ୍କୁଟିକୁ ନେଇ ପଳାଇଛନ୍ତି। ଅଭିଯୋଗ ପରେ ବଡ଼ଚଣା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋ ସନ୍ଧାନୀ କୁକୁର ସହାୟତାରେ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ମିଳିନାହିଁ। ଏହି ଅଞ୍ଚଳରେ ଦୀର୍ଘଦିନ ହେବ ଦୁର୍ବୃତ୍ତ ମାତିଥିଲାବେଳେ ବହୁ ସ୍ଥାନରୁ ପୂର୍ବରୁ ଚୋରି ହୋଇଛି। ଦେଉଳକୂଳ ଗ୍ରାମରେ ଗତ ୩ ମାସ ପୂର୍ବରୁ ଏକକାଳୀନ ୫ଟି ମନ୍ଦିରରୁ ଚୋରି ହୋଇଥିଲା। ଦୁର୍ବୃତ୍ତ ବିଭିନ୍ନ ମନ୍ଦିରରୁ ଠାକୁରଙ୍କ ଅଳଙ୍କାର ସହ ବାସକୁସନ ଲୁଟିନେଇଥିଲେ। ସେହିଭଳି ଜାତୀୟ ରାଜପଥରେ ବହୁ ସମୟରେ ଦୁର୍ବୃତ୍ତ ଲୁଟ କରୁଥିଲେ ମଧ୍ୟ ପୋଲିସ ଆଜି ପର୍ଯ୍ୟନ୍ତ କୌଣସି କ୍ଷେତ୍ରରେ ସଫଳତା ପାଇନାହିଁ। ଏହାମଧ୍ୟରେ ଦୀର୍ଘ ୫ ମାସ ହେବ ବଡ଼ଚଣା ଥାନାଧିକାରୀ ପଦବୀ ଖାଲିପଡ଼ିଥିଲାବେଳେ ବୈରୀ ଥାନାଧିକାରୀ କାନୁନଗୋଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତେଣୁ ଏଠାରେ ନୂତନ ଥାନାଧିକାରୀ ନିଯୁକ୍ତି ସହ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଶିକ୍ଷାନୁଷ୍ଠାନ ସୁନାଗରିକ ଗଢ଼ିବାରେ ସହାୟକ ହୋଇଥାଏ

ରସୁଲପୁର,୪।୮ (ରଞ୍ଜିତ ରାଉତ)

**ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ**

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚି ପଞ୍ଚାୟତ ମଧୁବନ ହାଟସ୍ଥିତ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକ ସାଧନାର କେନ୍ଦ୍ରସ୍ଥଳ, ସେଥିରେ ବିଦ୍ୟାର୍ଥୀମାନେ ଜଣେ ସାଧକ। ଏହି କେନ୍ଦ୍ରଗୁଡ଼ିକରେ ଶିକ୍ଷା ରୂପକ ସାଧନା ବଳରେ ସାମାଜ ପାଇଁ ସୁନାଗରିକ ଗଢି ତୋଳିବାର ଅବକାଶ ସୃଷ୍ଟି କରିଥାଏ। ସୁଶିକ୍ଷାରେ ବର୍ଦ୍ଧିତ ବିଦ୍ୟାର୍ଥୀମାନେ ସମାଜରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରନ୍ତି। ଏହି ଲକ୍ଷ୍ୟରେ ପହଞ୍ଚିବାକୁ ହେଲେ ବିଦ୍ୟାର୍ଥୀମାନଙ୍କୁ ପ୍ରତିଯୋଗିତା ମନୋଭାବ ଆପଣେଇବାକୁ ହେବ ବୋଲି ପ୍ରତିଷ୍ଠା ଦିବସରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ ଘଡ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ୟାସନଗର ସ୍ୱୟଂଶାସିତ କଲେଜର ପୂର୍ବତନ ଅଧ୍ୟକ୍ଷ ଶିବଚରଣ ମାଝି, ମୁଖ୍ୟବକ୍ତା ପ୍ରୀତିପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଦାମୋଦର ବେହେରା, ସମ୍ମାନିତ ଅତିଥି ଶିକ୍ଷାବିତ୍ ବେଣୁଧର ଦୋବାଇ, ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଲକ୍ଷ୍ମଣ ରାଉତ, ଶଶିଭୂଷଣ ସାହୁ, ଗୋପୀନାଥ ପତି, ବଳରାମ ଦ୍ୱିବେଦୀ, ଦୁର୍ଯ୍ୟୋଧନ ସାହୁ, ବିଚିତ୍ରାନନ୍ଦ କର, ବେଣୁଧର ସାହୁ, କୁଶଧ୍ୱଜ ବିଶ୍ୱାଳ ଓ ମୋଇଉଦ୍ଦିନ ମହମ୍ମଦ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ୨୦୨୩ ଶିକ୍ଷାବର୍ଷରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ମୋନାଲିସା ସାହୁ, ସେଲିଜା ପଣ୍ଡା ଓ ଛାତ୍ର ବିଶ୍ୱଜିତ୍ ସ୍ୱାଇଁଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଅନନ୍ଦା ଶଙ୍କର ଶତପଥୀ, ବିରଞ୍ଚି ନାରାୟଣ ରାମ୍, ଅଜୟ କୁମାର ଚନ୍ଦ, ଚିତ୍ତରଞ୍ଜନ ମିଶ୍ର ଓ ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ସମେତ କଲେଜର ଅଧ୍ୟାପିକାଅଧ୍ୟାପକମାନେ ପ୍ରତିଷ୍ଠା ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦେବବ୍ରତ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

# ଅସରାଏ ବର୍ଷାରେ ମୁସଲମାନ ବସ୍ତିରେ ଜମୁଛି ପାଣି

- ଡ୍ରେନ୍ ନିର୍ମାଣ ହେଉନାହିଁ
- ଅସୁବିଧାରେ ଜନସାଧାରଣ

କାଏମା,୪।୮ (ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅଧୀନ ବଡ଼ କଏମା ପଞ୍ଚାୟତରେ ଥିବା ମୁସଲମାନ ବସ୍ତିରେ ଅସରାଏ ବର୍ଷାହେଲେ ପାଣି ଜମିରହୁଛି। ଫଳରେ ପରିବେଶ ପ୍ରଦୂଷିତ ହେବା ସହ ଯାତାୟାତ ପ୍ରଭାବିତ ହେଉଛି। ଏହି ବସ୍ତିରେ ୨୦୦ରୁ ଅଧିକ ଲୋକ ବସବାସ କରନ୍ତି। କେବଳ ଏ ସମସ୍ୟା ଖାଲି ବର୍ଷାଦିନ ନୁହେଁ। ୩ ବର୍ଷହେବ ଯେତେବେଳେ ବି ବର୍ଷା ହେଉଛି ଏଭଳି ଅସୁବିଧା ଦେଖାଦେଉଛି। ବସ୍ତି ମଝି ରାସ୍ତାରେ ପାଣି ଜମି ରହୁଥିବାରୁ ମଶା, ମାଛିଙ୍କ ବଂଶ ବୃଦ୍ଧି ପାଉଛି। ଲୋକେ ବାଧ୍ୟ ହୋଇ ଏହି ଅପରିଷ୍କାର ପାଣିରେ ଯାତାୟାତ କରୁଛନ୍ତି। ଛୋଟ ପିଲାମାନେ ଅପରିଷ୍କାର ପାଣିରେ ପଶି ସ୍କୁଲ୍ ଯାଉଛନ୍ତି। ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଏହି ସମସ୍ୟା ଦେଖାଦେଇଛି। ଡ୍ରେନେଜ ବ୍ୟବସ୍ଥା କରାଯିବ ବୋଲି କୁହାଯାଉଥିଲେ ମଧ୍ୟ ତାହା ହୋଇ ପାରୁନାହିଁ।

ବସ୍ତିର ମୁବାରକ ଖାନ, ମିର୍ ସରଫିଉଦ୍ଦିନ କହିଛନ୍ତି, ଡ୍ରେନ ନ ଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ପାଣି ଜମି ରହୁଥିବା ଯୋଗୁ ମଶା, ମାଛି ହେଉଛନ୍ତି। ଲୋକଙ୍କୁ ବିଭିନ୍ନ ଜ୍ୱର ହେଉଛି। ଘରୁ ବାହାରିବା ଆମପକ୍ଷେ କଷ୍ଟକର ହେଇଯାଉଛି। ଏବେ ଡ୍ରେନ ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ଆସିଛି। କିନ୍ତୁ ଏହି ଟଙ୍କାରେ ସମ୍ପୂର୍ଣ୍ଣ ଡ୍ରେନ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଆମେ ଶୁଣିବାକୁ ପାଇଛୁ। ତେଣୁ ବସ୍ତି ବାସିନ୍ଦା ପ୍ରଶାସନକୁ ନିବେଦନ କରିଛନ୍ତି, ଡ୍ରେନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ। ଏବେ ଦେଖିବାକୁ ଅପେକ୍ଷା ପ୍ରଶାସନ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରୁଛି। ଏ ସମ୍ପର୍କରେ ଧର୍ମଶାଳା ବ୍ଲକ୍ ସହକାରୀ ଯନ୍ତ୍ରୀ ରଜତ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଉକ୍ତ ବସ୍ତିର ଡ୍ରେନ ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ଆସିଛି। କିନ୍ତୁ ୪ ଲକ୍ଷ ଟଙ୍କା ହେଲେ ସମ୍ପୂର୍ଣ୍ଣ କାର୍ଯ୍ୟ ହୋଇପାରିବ। ବସ୍ତି ପାଇଁ ୨୦୦ଫୁଟ ଲମ୍ବର ଡ୍ରେନ୍ ଆବଶ୍ୟକ। ଏବେ ୧୦୦ ଫୁଟ୍ ପର୍ଯ୍ୟନ୍ତ କାର୍ଯ୍ୟ କରାଯିବ। ପରବର୍ତ୍ତୀ ସମୟରେ ଆବଶ୍ୟକ ଅର୍ଥ ମଞ୍ଜୁର ହେଲେ କାର୍ଯ୍ୟ ଶେଷ ହେବ।



ବସ୍ତି ଭିତରେ ପାଣି ଜମିରହିଛି।

# ସ୍ୱାଦିଷ୍ଟ ହେଉନି ରୋଗୀଙ୍କ ଖାଦ୍ୟ

ନୟାଗଡ଼, ୪।୮ (ଲୋକନାଥ ମିଶ୍ର)



- ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ
- ମାନ ଯାଞ୍ଚ ହେଉ ନ ଥିବାରୁ ମନମାନି ବଢ଼ୁଛି
- ପାଣିଆ ଡାଲମାରୁ ପରିବା ଗାଏବ
- ପେଜୁଆ ଭାତକୁ ପାଣିଆ କ୍ଷୀର
- ଖାଦ୍ୟ ସାରଣୀ ଅନୁସାରେ ମିଳୁନି ଖାଦ୍ୟ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଖାଦ୍ୟରେ ସ୍ୱାଦିଷ୍ଟ ନ ଥିଲେ ମଧ୍ୟ ଏହାର ଯାଞ୍ଚ କି କାର୍ଯ୍ୟାନୁଷ୍ଠାନ ହେଉନି। ରୋଗୀଙ୍କ ଅଭିଯୋଗକୁ ଶୀତଳଭଣ୍ଡାରକୁ ଫୋପାଡି ଅରୁଚିକର ଖାଦ୍ୟ ପ୍ରତ୍ୟହ ଦିଆ ଚାଲିଛି। ଖାଦ୍ୟ ସାରଣୀ କେବଳ କାନ୍ଥରେ ବିଜ୍ଞାପନ ଭାବେ ଝୁଲୁଛି। ଡାଲମାରେ ପନିପରିବା ପଡୁ ନ ଥିବାରୁ ପାଣିଆ ଡାଲି ଦିଆଯାଉଛି। ସେହିପରି ପେଜୁଆ ଭାତକୁ ଆଳୁ ଓ ଝୁଲଣ ଭଜା ଦିଆଯାଉଛି। ଭଜା ତେଲରେ ଭାଜିବା ପରି ଦେଖାଯାଉନି। ଭଜାରେ ଅନ୍ୟ ପରିବା ନାହିଁ। ଖାଦ୍ୟ ସାରଣୀରେ ରୁଟି ଦିଆଯିବା ପାଇଁ ଥିବାବେଳେ ଆଦୌ ଦିଆଯାଉନାହିଁ। ରୁଟି ବଦଳରେ ଭାତ ଚଳାଇ ନେବାକୁ ପରାମର୍ଶ ଦେଉଛନ୍ତି। ପୁଣି ପାଣିଆ କ୍ଷୀର ପିଇବାକୁ ଦିଆଯାଉଛି। ଖାଦ୍ୟ ବାଣ୍ଟିବାର ସମୟ ରହୁନି। ମନଇଚ୍ଛା ସମୟରେ ଖାଦ୍ୟ ବଣ୍ଟନ କରାଯାଉଛି।

ମନୋରମା ମଳିକ ନାମକ ଜଣେ ରୋଗୀଙ୍କ ସମ୍ପର୍କୀୟ କୁହନ୍ତି, ଡାଇବେଟିସ୍ ରୋଗୀଙ୍କ ପାଇଁ ଚିକିତ୍ସାଳୟରେ ଖାଦ୍ୟ ନାହିଁ। ପ୍ରଥମତଃ ରୁଟି ଦେଉନାହାନ୍ତି। ରୁଟି ବଦଳରେ ଭାତ ଖାଇବାକୁ ପରାମର୍ଶ ଦେଉଛନ୍ତି। ସେହିପରି ପାଣିଆ କ୍ଷୀର ଦେଉଛନ୍ତି। ଏଭଳିଆ ନିମ୍ନମାନର ଖାଦ୍ୟ ରୋଗୀଙ୍କୁ ବରଂ ନ ଦେବା ଦରକାର। ସିତା ପ୍ରଧାନ କୁହନ୍ତି, ପେଜୁଆ ଭାତକୁ ପାଣିଆ ଡାଲି ଖାଇବାକୁ ମନ ହେଉନାହିଁ। ଦୂର ଦୂରାନ୍ତରୁ ଆସୁଥିବାରୁ ବିକଳ୍ପ ନ ଥିବାରୁ ବାଧ୍ୟ ହୋଇ ଖାଉଛୁ। ପନିପରିବା ରେଟ ହେଲା ବୋଲି କ'ଣ ଡାଲମାରେ ଅଦୌ ପନିପରିବା ପଡ଼ିବନି। ପନିପରିବା ନ ପଡ଼ିଲେ ଡାଲମା ସ୍ୱାଦିଷ୍ଟ କିମିତି ଆସିବ। ଅନ୍ୟପକ୍ଷେ ଡାଲିରେ ପେଜ ମିଶିଲା ପରି ଦିନେ ଦିନେ ଲାଗୁଛି। ଭାତରେ ଦିନେ ଦିନେ ଗୋଡି ବାହାରୁଛି। ଶୁକଦେବ ବିଶ୍ୱାଳ କୁହନ୍ତି, ରୋଗୀଙ୍କ ଖାଦ୍ୟ ଭଲ ରହୁନି। ଖାଦ୍ୟ ଭଲ ଦେବା ପାଇଁ ଅଭିଯୋଗ କଲେ ବ୍ୟବହାର ଖରାପ କରୁଛନ୍ତି। ମାଗଣାରେ ଖାଇ ଏତେ ଅଭିଯୋଗ କଲେ ହେବ। ପନିପରିବା ରେଟ ବଢ଼ିଥିବାବେଳେ ଘର ବିକ୍ରି କରି କ'ଣ ଖାଇବାକୁ ଦେବୁ ବୋଲି ବିରକ୍ତି ହୋଇ କହୁଛନ୍ତି। ପୁଣି ଠିକ୍ ସମୟରେ ନ ଦେଇ ମନ ଇଚ୍ଛା ଖାଇବା ପାଇଁ ଆଣୁଛନ୍ତି। ଭରତ ସାହୁ କୁହନ୍ତି, ରୋଗୀଙ୍କ ଖାଦ୍ୟ କିପରି ଦିଆଯାଉଛି ଚିକିତ୍ସାଳୟ ପକ୍ଷରୁ ଯାଞ୍ଚ ହେଉନି। ଯାଞ୍ଚ ହେଲେ ଏପରି ନିମ୍ନମାନର ଖାଦ୍ୟ ରୋଗୀ ପଆନ୍ତେ ନାହିଁ। ସରକାର ରୋଗୀଙ୍କ ପାଇଁ ଟଙ୍କା ଖର୍ଚ୍ଚ କରି ଚାଲିଛନ୍ତି। ତେବେ ଭଲ ଖାଦ୍ୟ ନାଁରେ ରୋଗୀଙ୍କୁ ଭଲ ଖାଦ୍ୟ ଦିଆଯାଉନି। ସ୍ୱାସ୍ଥ୍ୟ ବିଭାଗରେ ଏପରି କାରନାମାକୁ ବନ୍ଦ କରାଯିବା ଦରକାର ବୋଲି କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରମାକାନ୍ତ ପଣ୍ଡାଙ୍କୁ ପଚାରିବାରେ ରୋଗୀଙ୍କ ଖାଦ୍ୟ ଭଲ ନୁହେଁ ବୋଲି ମୁଁ ଜାଣି ନ ଥିଲି। ଖାଦ୍ୟ ଭଲ ଅଛି କି ନାଁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଶ୍ରୀରଘୁନାଥ ଜୀଉଙ୍କ ହୁଣ୍ଡି ଖୋଲିଲା



ଶ୍ରୀରଘୁନାଥ ଜୀଉଙ୍କ ହୁଣ୍ଡିରୁ ବାହାରିଥିବା ଟଙ୍କା, ସୁନା , ରୁପା ବାହାର କରାଯାଇ ଗଣତି ଚାଲିଛି।

ଓଡଗାଁ,୪।୮
(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଶୁକ୍ରବାର ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ହୁଣ୍ଡି ଖୋଲାଯାଇଛି। ହୁଣ୍ଡି ମଧ୍ୟରୁ ୩ ଲକ୍ଷ ୩୦ ହଜାର ୮୯୨ ଟଙ୍କା, ସୁନା ୨ ଗ୍ରାମ ୨୧୦ ମିଲିଗ୍ରାମ, ରୁପା ୯ ଗ୍ରାମ ୬୬୦ ମିଲିଗ୍ରାମ ଓ ପିତ୍ତଳ ୧୧୦୦ ଗ୍ରାମ ମିଳିଥିବା ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିରେ ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ, ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ଆଦର୍ଶ ଥାନା ଏସ୍‌ଆଇ ଚକ୍ରଧର ସିଂ, ପୂଜକ ପରିଷଦ ସଭାପତି ପ୍ରଫୁଲ କୁମାର ମହାପାତ୍ର, ସୁଆର ପରିଷଦ ସଭାପତି ସୁବ୍ରତ କୁମାର ପଣ୍ଡା, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀ, ସୁଆର ପରିଷଦ ସମ୍ପାଦକ କାର୍ତ୍ତିକ ପଣ୍ଡା, ତହସିଲ କର୍ମଚାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତିରେ ହୁଣ୍ଡି ଖୋଲାଯାଇଥିଲା। ହୁଣ୍ଡିରୁ ନୋଟ ଆକାରରେ ମିଳିଥିବା ୨ଲକ୍ଷ ୮୬ ହଜାର ୬୩ ଟଙ୍କା ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କର ମନ୍ଦିର ଜମା ଖାତାରେ ଜମା କରାଯାଇଛି। ମୁଦ୍ରା ବା କଏନ ଆକାରରେ ମିଳିଥିବା ଖୁଚୁରା ୨ ଦିନ ଭିତରେ ଜମା କରାଯିବ। ପ୍ରକାଶଥାଉ କି ୨୦୨୨ ଡିସେମ୍ବର ୨୨ ଶ୍ରୀରଘୁନାଥ ଜୀଉଙ୍କ ହୁଣ୍ଡିରୁ ୩ ଲକ୍ଷ ୭୮ ହଜାର ଟଙ୍କା ଆଦାୟ ହୋଇଥିବା ବେଳେ ୭ ମାସ ବ୍ୟବଧାନରେ ହୁଣ୍ଡି ଖୋଲାଯାଇଥିବା ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ସୂଚନା ଦେଇଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ନୂଆଗାଁ, ୪।୮ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ଶୁକ୍ରବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସମୟରେ ବତ୍ୟା, ବନ୍ୟା, ମରୁଡି ଆଦି ଅନେକ ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। କିଭଳି ଭାବେ ସେସବୁକୁ ମୁକାବିଲା କରିବା ସହ ଜନସାଧାରଣଙ୍କୁ ଠିକ୍ ସମୟରେ ଉଚିତ୍ ସେବା ଯୋଗାଇ ଦିଆଯାଇପାରିବ ସେଥିପାଇଁ ସମସ୍ତେ ସଜାଗ ରହିବା ଆବଶ୍ୟକ। ବର୍ଷାଦିନ ହୋଇଥିବାରୁ ଅନେକ ସ୍ଥାନରେ ବନ୍ୟାବତ୍ୟା ହେବାର ସମ୍ଭାବନା ରହିଛି। ତେଣୁ ସେଥିପାଇଁ ପ୍ରଶାସନିକ ସ୍ତରରେ ସମସ୍ତେ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ପରାମର୍ଶ ଦେଇଥିଲେ। ବନ୍ୟା ପ୍ରପୀଡିତ ଅଞ୍ଚଳରେ ଲୋକମାନଙ୍କୁ ଶୁଖିଲା ଖାଦ୍ୟ, ରାଶନ ସାମଗ୍ରୀ ଆଦି ଯୋଗାଇ ଦେବାକୁ ଯୋଗାଣ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଯୋଗାଣ ନିରୀକ୍ଷକ ଶ୍ରୀବିହର୍ଷ ସୂଚନା ଦେଇଥିଲେ। ସେହିଭଳି ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବାହିନୀ, ପୋଲିସ ମଧ୍ୟ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରତି ବିଭାଗର ବ୍ଲକ ଅଧିକାରୀଙ୍କ ସହ ଯୋଗାଯୋଗର ସୁବିଧା ଦୃଷ୍ଟିରୁ ସମସ୍ତଙ୍କ ମୋବାଇଲ ନମ୍ବର ଲେଖା ଯାଇଥିଲା। ତେବେ କୌଣସି ବିପର୍ଯ୍ୟୟର ସମ୍ମୁଖୀନ ହେଲେ ଜନସାଧାରଣ ପ୍ରଥମେ ୧୧୨ ନମ୍ବରକୁ ଫୋନ କରିବାର ଆବଶ୍ୟକତା ରହିଛି ବୋଲି କୁହାଯାଇଥିଲା। ତେବେ ଅଗ୍ନିଶମ ବାହିନୀ ସର୍ବଦା ବିପର୍ଯ୍ୟୟକୁ ମୁକାବିଲା କରିବାକୁ ପ୍ରସ୍ତୁତ ଅଛି ବୋଲି ଅଗ୍ନିଶମ ବାହିନୀ ଅଧିକାରୀ ଅପୂର୍ବ ରଞ୍ଜନ ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଡିପିଓ ଅଶୋକ କୁମାର ରଥ, ନୂଆଗାଁ ବିଡିଓ ମିଶ୍ର, ଏବିଡିଓ ସ୍ୱଦେଶ ରଞ୍ଜନ ଶତପଥୀ, ବ୍ଲକ ନିର୍ବାହୀଯନ୍ତ୍ରୀ ରାଜେନ୍ଦ୍ର ପଣ୍ଡା, ନୂଆଗାଁ ଅତିରିକ୍ତ ତହସିଲଦାର କବିରାଜ ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

# ଅଧ୍ୟାପକଙ୍କ ନାଁରେ ବଳାତ୍କାର ଅଭିଯୋଗ ବଢ଼ୁଛି

ନୟାଗଡ, ୪।୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାର ଏକ କଲେଜରେ ଜଣେ ଅଧ୍ୟାପକ ଯୁକ୍ତ ୨ ଛାତ୍ରୀଙ୍କୁ ବଳାତ୍କାର କରି ହଟହଟା ହୋଇଛନ୍ତି। ଏ ନେଇ କଥା ପ୍ରଘଟ ପରେ ଘଟଣାକୁ ରଫାଦଫା ପାଇଁ ଚେଷ୍ଟା ଚାଲିଛି। ତେବେ ପୀଡିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିବାକୁ କୁହାଯାଉଥିଲେ ହେଁ କରାଯାଇନାହିଁ। ଘଟଣା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ସେହି କଲେଜରେ ନିକଟରେ ଜଣେ ଅଧ୍ୟାପକ ଜଣେ ଛାତ୍ରୀଙ୍କୁ ବଳାତ୍କାର କରି ଜେଲରେ ଅଛନ୍ତି। ଗୋଟିଏ କଲେଜରେ ବାରମ୍ବାର ଅଧ୍ୟାପକଙ୍କ ନାଁରେ ବଳାତ୍କାର ଅଭିଯୋଗ ଆସିବା ପରେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ପୀଡିତାଙ୍କୁ ନ୍ୟାୟ ଦେବାକୁ ଦାବି ଉଠିଛି।

# ଉନ୍ନୟନ କାର୍ଯ୍ୟ ବନ୍ଦ ପରେ ଫେରାଦ

ନୟାଗଡ଼, ୪।୮ (ଲୋକନାଥ ମିଶ୍ର)

**ଜିଲାପାଳଙ୍କୁ ଭେଟିଲେ ଦଶପଲ୍ଲା ଏନ୍‌ଏସି ଅଧକ୍ଷ, କାଉନସିଲର**

ନୟାଗଡ଼ ଜିଲା ଦଶପଲ୍ଲା ଏନ୍‌ଏସିରେ ଉନ୍ନୟନ କାର୍ଯ୍ୟ ବନ୍ଦ ହୋଇ ରହିବା ପରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଜିଲା ପରିଷଦର ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କୁ ଭେଟି ଦଶପଲ୍ଲା ଏନ୍‌ଏସି ଅଧକ୍ଷା ପୁନମ ପ୍ରୀୟଦର୍ଶିନୀ ଓ କାଉନସିଲର ଫେରାଦ୍ ହୋଇଛନ୍ତି। ଆବାସ ଯୋଜନା, ରାଶନ କାର୍ଡ, ଡ୍ରେନେଜ ସମସ୍ୟା, ପାନୀୟଜଳ, ରୂପାନ୍ତୀକରଣ ବିଦ୍ୟାଳୟ ପରି ଅନେକ ଉନ୍ନତିମୂଳକ କାମ ହୋଇ ପାରୁନାହିଁ। ମୌଳିକ ସମସ୍ୟା ସମାଧାନ ହେଉ ନ ଥିବାରୁ ସହରବାସୀଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଥିବା ଦର୍ଶାଇଛନ୍ତି।

# ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷାପାଣି ଜମୁଛି

ଖଣ୍ଡପଡ଼ା,୪।୮ (ଅଜୟ କୁମାର ମହାରଣା)

**ରାସ୍ତା ପଉନଠାରୁ ନିମ୍ନ ଭାଗରେ ବିଦ୍ୟାଳୟ ପ୍ରବେଶ ପଥ**

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମସ୍ଥିତ ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ୫-ଟି ରୁପାନ୍ତରଣ ଯୋଜନାରେ ଚାଲୁ ରହିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବ୍ଲକ ପ୍ରଶାସନ ଜରିଆରେ କରାଯାଉଥିଲେ ହେଁ ଦୁରଦୃଷ୍ଟି ଅଭାବରୁ ସାମାନ୍ୟ ବର୍ଷା ହେଲେ ବିଦ୍ୟାଳୟର ପ୍ରବେଶ ପଥରେ ପାଣି ଜମା ହୋଇ ରହୁଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବା ସହ ବିଦ୍ୟାଳୟ ସମ୍ମୁଖ ଭାଗରେ ଥିବା ପୂର୍ତ୍ତ ବିଭାଗ ରାସ୍ତାଟି ପ୍ରବେଶ ପଥଠାରୁ ଉଚ୍ଚରେ ରହିଛି। ଫଳରେ ସାମାନ୍ୟ ବର୍ଷା ହେଲେ ପ୍ରବେଶ ପଥରେ ପାଣି ଜମି ରହୁଛି। ରାସ୍ତା ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଭିତରକୁ ଗଲା ବେଳେ ପାଣି ଭିତରେ ପଶି ଯିବା ଆସିବା କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ଖଣ୍ଡପଡ଼ା ବ୍ଲକ ପ୍ରଶାସନ, ଖଳିସାହି ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।




ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ଗେଟ୍ ସମ୍ମୁଖ ପ୍ରବେଶ ପଥରେ ପାଣି ଜମା ହୋଇଛି।

# ତ୍ୱରାନ୍ୱିତ ହେଉନି ଚାଷୀ ପଞ୍ଜୀକରଣ

ନୟାଗଡ, ୪।୮ (ଲୋକନାଥ ମିଶ୍ର)

- ୧୬,୩୪୦ କରିଛନ୍ତି ପଞ୍ଜୀକରଣ
- ବାହାଡାଝୋଲା ପ୍ୟାକ୍ସରେ ଖାତା ଖୋଲିନି
- ୧୫ରୁ ଉର୍ଦ୍ଧ୍ୱ ପାକ୍ସରେ ୨ ଅଙ୍କ ଡେଇନାହିଁ

ନୟାଗଡ଼ ଜିଲାରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ତ୍ୱରାନ୍ୱିତ ହେଉନି। ଜିଲାରେ ୧୫୬ ପ୍ରାଥମିକ କୃଷି ସମବାୟ ସମିତି ଥିବାବେଳେ ଏଥିରୁ ୧୫୩ ଟିରେ ପ୍ୟାକ୍ସ ଖୋଲିଛି। ଚଳିତବର୍ଷ ବାହାଡାଝୋଲା ପାକ୍ସକୁ ଛାଡ଼ି ଦେଲେ ୧୫୨ ଟିରେ ଚାଷୀ ପଞ୍ଜୀକରଣ ଚାଲିଛି। ଅନ୍ୟପକ୍ଷେ ୧୫ରୁ ଉର୍ଦ୍ଧ୍ୱ ପ୍ୟାକ୍ସରେ ଚାଷୀ ପଞ୍ଜୀକରଣ ୨ ଅଙ୍କ ଡେଇଁ ପାରୁନି। ଗତବର୍ଷ ୫୬ ହଜାର ଚାଷୀ ନାଁ ପଞ୍ଜୀକରଣ କରିଥିବାବେଳେ ଚଳିତବର୍ଷ ଅଗଷ୍ଟ ୪ ସନ୍ଧ୍ୟା ସୁଦ୍ଧା ମାତ୍ର ୧୬, ୩୪୦ ଚାଷୀ ପଞ୍ଜୀକରଣ କରିଛନ୍ତି। ଅଗଷ୍ଟ ୧୫ରେ ପଞ୍ଜୀକରଣ ବନ୍ଦ ହେବାକୁ ଯାଉଥିବାବେଳେ ଆଉ ୧୧ ଦିନ ଭିତରେ ସବୁ ଚାଷୀ କ'ଣ ନାଁ ପଞ୍ଜୀକରଣ କରିପାରିବେ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ଜିଲାର ବଡଗୋରଡା, ବନମାଳିପୁର, ବାରବାଟି, ବେଗୁନିଆ, ଚମ୍ପତିପୁର, ଜଗନ୍ନାଥପ୍ରସାଦ (ନୂଆ), ଜେମାଦେଇପୁର, କାଳିକାପ୍ରସାଦ, କୋପାନିଆଁ, ଖମାରସାହି, କୋମଣ୍ଡ, ମହାବୀର ଦଶପଲ୍ଲା, ନୀଳକେଣ୍ଠେଶ୍ୱର ସେବା ସମବାୟ ସମିତି, ଓଡ଼ଗାଁ ଆଦି ପାକ୍ସଗୁଡିକରେ ୨୫୦ରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ ହୋଇଛି। ତୁମାଣ୍ଡି, ତାରିଆ, ଶରଣକୁଳ, ରାଣିଛେଳି, ଓସ୍ତିଆ, କୋସକା, ଖାଲମଡା, ଜଗନ୍ନାଥପ୍ରସାଦ, ଛାମଣ୍ଡିଆ, ବାଣିଗୋଛା, ବାଲିସିଂସା ପରି ପାକ୍ସ ଗୁଡିକରେ ୯ରୁ କମ ଚାଷୀ ପଞ୍ଜୀକରଣ ହୋଇଛି। ଅନ୍ୟପକ୍ଷେ ଅଶ୍ୱସ୍ତପଡା, ବାଦିଲୋ, ବାଉଁଶିଆପଡା, ବେଲପଡା, ଘୁଗୁଡିପଡା, କଳାସଖମଣ ପରି ପାକ୍ସରେ ୧୦୦ ଭିତରେ ଚାଷୀ ପଞ୍ଜୀକରଣ ରହିଛି। ଚାଷୀ ପଞ୍ଜୀକରଣ କଚ୍ଛପଗତିରେ ଚାଲିବା ନେଇ ସମୀକ୍ଷା ହେଉ ନ ଥିବା କୁହାଯାଉଛି।

## ଧାନ ରୁଆ ସମୟରେ ସାର ମିଳୁନି

ଧାନ ରୁଆ ସମୟରେ ୟୁରିଆ ପ୍ୟାକେଟ ସାର ମିଳୁନି। ପ୍ୟାକ୍ସଗୁଡିକରେ ୟୁରିଆ ଉପଲବ୍ଧ ନାହିଁ। ଏବଠାରୁ ପିଡିଆ ଅଭାବ ଦେଖାଦେଲାଣି। ଚାଷୀ ୪୫ କେଜି ସାର ବସ୍ତାକୁ ୫୫୦ ଟଙ୍କାରେ କିଣୁଛି। ସରକାରୀ ଭାବେ ୟୁରିଆର ଦର ୨୬୬.୫୦ ପଇସା ଅଛି। ଯେଉଁମାନେ ରୋଉଛନ୍ତି ସେମାନେ କଳା ବଜାରରୁ ସାର କିଣିବାକୁ ବାଧ୍ୟ ହେଉଛନ୍ତି ବୋଲି ଅଭିଯୋଗ ଉଠିଛି। ଏ ନେଇ ନୟାଗଡ଼ର ଚାଷୀ ଅନ୍ତର୍ଯ୍ୟାମୀ ସାହୁ କୁହନ୍ତି, ଚାଷୀ ସବୁବେଳେ ରୁଆ ସମୟରୁ ସାର ଅଭାବ ଉପଲବ୍ଧି କରୁଛି। ସବୁବେଳେ ଏହାର ପରିବର୍ତ୍ତନ ପାଇଁ ଦାବି କରୁଛି। ସରକାର ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ହେଲେ ସାର ଅଭାବ ପରିସ୍ଥିତିକୁ ଏଡାଉ ନାହାନ୍ତି। ଏ ନେଇ ନୟାଗଡ଼ ଏଆର୍‌ସିଏସ୍ ଦାୟିତ୍ୱରେ ଥିବା ଆରଏମ୍‌ସି ସମ୍ପାଦକ ସୁଦାମ ଚରଣ ଜେନା କୁହନ୍ତି ଚାଷୀ ପଞ୍ଜୀକରଣ ପଛେଇବାର କାରଣ ପ୍ରଧାନମନ୍ତ୍ରୀ ବୀମା ଯୋଜନା। ଅଗଷ୍ଟ ୫ରେ ପ୍ରଧାନମନ୍ତ୍ରୀ ବୀମା ଯୋଜନାର ପଞ୍ଜୀକରଣ ବନ୍ଦ ହୋଇ ଯାଉଥିବାରୁ ଏହାକୁ ଗୁରୁତ୍ୱ ଦିଆଯାଇଛି। ତେବେ ଅଗଷ୍ଟ ୧୫ ସୁଦ୍ଧା ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରି ସାରିଥିଲେ। ଅଗଷ୍ଟ ୫ ପରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ବଢ଼ିଯିବ। ବାହାଡାଝୋଲା ପାକ୍ସରେ ସମ୍ପାଦକ ଘଟଣାରେ ବିବାଦୀୟ ପରିସ୍ଥିତି ଯୋଗୁ ପଞ୍ଜୀକରଣ ହେବାରେ ଅସୁବିଧା ଦେଖା ଦେଇଛି। ଏହାର ସମାଧାନ ପାଇଁ ଚେଷ୍ଟା ଜାରି ରହିଛି। ଅନ୍ୟପକ୍ଷେ ୮୩ ପାକ୍ସରେ ସାର ଉପଲବ୍ଧ ଅଛି। ଏହାର ବିକ୍ରି ଆରମ୍ଭ ହୋଇଛି। ସବୁ ପାକ୍ସରେ ସାର ଯୋଗାଇ ଦେବାକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲିସା



@ ଗୀତାଞ୍ଜଳି



@ ସତ୍ୟ



@ ସୌମ୍ୟ



@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

